আমর ପ୍ରତିବଦ୍ଧତା

**ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ ନିଷ୍କର୍ଷ**

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in

NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE- 14 ♦ CUTTACK ♦ WEEKLY ♦ 01 TO 07 - APRIL- 2024♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୧୪ ♦ କଟକ♦ ସାପ୍ତାହିକ ♦ ୦୧ ରୁ ୦୭ -ଏପ୍ରିଲ- ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା


# ମରଣୋତ୍ତର ଭାବେ ୪ ଜଣଙ୍କୁ ଭାରତ ରତ୍ନପ୍ରଦାନ
## ଘରକୁ ଯାଇ ଆଡଭାନୀଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ(ଏଜେନ୍ସି):** ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ପାଇଁ ମନୋନୀତ ବିଶିଷ୍ଟ ବ୍ୟକ୍ତିଙ୍କୁ ଭାରତ ରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ରତ୍ନ ସମ୍ମାନ ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଭାରତ ରତ୍ନ ସମ୍ମାନ ପାଇଁ ପାଞ୍ଚ ଜଣଙ୍କ ନାମ ଘୋଷଣା ହୋଇଥିବା ବେଳେ ଆଜି ୪ ଜଣଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି । ପୂର୍ବତନ ଉପପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ପରବର୍ତ୍ତୀ ସମୟରେ ଭାରତ ରତ୍ନ ପ୍ରଦାନ କରାଯିବ । ମରଣୋତ୍ତର ଭାବେ ସମ୍ମାନ ପାଇଥିବା ଚାରି ବିଶିଷ୍ଟ ବ୍ୟକ୍ତି ହେଉଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣସିଂହ ଓ ପିଭି ନରସିଂହା ରାଓ, କୃଷି ବୈଜ୍ଞାନିକ ତଥା ଶବୁଜ ବିପ୍ଳବ ଜନକ ଏମ୍ ଏସ୍ ସ୍ୱାମୀନାଥନ ଏବଂ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସ୍ୱାଧୀନତା ସଂଗ୍ରାମୀ କର୍ପୁରୀ ଠାକୁର । ସେହିଭଳି ଦେଶର ସର୍ବୋଚ୍ଚ ନଗରିକ ସମ୍ମାନ ଭାରତ ରତ୍ନରେ ସମ୍ମାନିତ ହେଲେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ । ତାଙ୍କ ବାସଭବନରେ ପହଞ୍ଚି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି । ଏହି ସମୟରେ ତାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ । ଆଡଭାନୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ରାଷ୍ଟ୍ରପତି ନିଜେ ତାଙ୍କ ଘରକୁ ଯାଇ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିଛନ୍ତି । ଫେବ୍ରୁଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାରତ ରତ୍ନ ଦେବା ପାଇଁ ଘୋଷଣା କରିଥିଲେ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତଥା ବିଜେପିର ସଂସ୍ଥାପକ ନାନା ଜୀ ଦେଶମୁଖଙ୍କ ପରେ ଏହି ସମ୍ମାନ ପାଇବାରେ ଆଡଭାନୀ ହେଉଛନ୍ତି ବିଜେପି ଏବଂ

ଅବଶିଷ୍ଟାଂଶ ୭ ପୃଷ୍ଠାରେ

# ଆସିଲା ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର(ଏନ୍.ଏମ୍.):** ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ଏବେ ସମରସଜ୍ଜା ଆରମ୍ଭ କରିଥିବାବେଳେ ବିଜେଡି ଆଜି ତାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ତେବେ ପ୍ରାର୍ଥୀତ୍ୱକୁ ନେଇ ପୂର୍ବରୁ ବିଜେଡି ପକ୍ଷରୁ ନେତାମାନେ ଯାହା ନାଁ ଘୋଷଣା କରୁଥିଲେ ସେଥିରେ କିଛି ପରିବର୍ତ୍ତନ କରାଯାଇଥିବା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀତାଲିକା ଘୋଷଣା ପରେ ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିଥିବା ଜଣାପଡ଼ିଛି । ତେବେ ଶ୍ରୀ ପଟ୍ଟନାୟକଙ୍କ ଘୋଷଣା ଅନୁଯାୟୀ ସୋନପୁରରୁ ଦଳ ନିରଞ୍ଜନ ପୂଜାରୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ପାଟଣାଗଡ଼ରୁ ସରୋଜ ମେହେର, ବଲାଙ୍ଗୀରରୁ କଳିକେଶ ସିଂଦେଓ, ଭବାନୀପାଟଣାରୁ ପୁଷ୍ପେନ୍ଦ୍ର ସିଂଦେଓ, ବାଙ୍କୀରୁ ଦେବୀ ରଞ୍ଜନ ତ୍ରିପାଠୀ ଓ ପାଟକୁରାରୁ ଅରବିନ୍ଦ ମହାପାତ୍ରଙ୍କୁ ଦଳ ପ୍ରାର୍ଥୀ କରିଛି ।

ଅବଶିଷ୍ଟାଂଶ ୭ ପୃଷ୍ଠାରେ

# ମ୍ୟାଚ ଫିକସିଂ ହୋଇଛି, ବିଜେପିକୁ ଟାର୍ଗେଟ କରି ଏଭଳି କହିଲେ ରାହୁଲ



**ନୂଆଦିଲ୍ଲୀ(ଏଜେନ୍ସି):** କଂଗ୍ରେସର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ ଆଜି ରାମଲୀଳା ମୈଦାନରେ ଗଣତନ୍ତ୍ର ବଞ୍ଚାଅ ରାଲିକୁ ସମ୍ବୋଧିତ କରି କହିଛନ୍ତି ଯେ ଏହି ନିର୍ବାଚନ ସାଧାରଣ ନିର୍ବାଚନ ନୁହେଁ । ଗଣତନ୍ତ୍ର, ସମ୍ବିଧାନ, ଗରିବ ଏବଂ କୃଷକଙ୍କୁ ବଞ୍ଚାଇବା ପାଇଁ ଏହି ନିର୍ବାଚନ । ସେ ଅଭିଯୋଗ କରିଛନ୍ତି ଯେ ଏଠାରେ ମ୍ୟାଚ୍ ଫିକ୍ସିଂ କରାଯାଉଛି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପୂର୍ବରୁ ମ୍ୟାଚ୍ ଫିକ୍ସିଂ କରୁଛନ୍ତି । ରାହୁଲ ଗାନ୍ଧୀ କହିଛନ୍ତି ଯେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏବଂ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏଠାରେ ନାହାଁନ୍ତି, କିନ୍ତୁ ସେମାନେ ତାଙ୍କ ହୃଦୟରେ ଅଛନ୍ତି । 'ଇଣ୍ଡିଆ ଆଲାଇନ୍ସ'ର ସମସ୍ତ କର୍ମୀଙ୍କୁ ସ୍ୱାଗତ କରି ସେ କହିଛନ୍ତି ଯେ ଆଜିକାଲି ଆଇପିଏଲ୍ ମ୍ୟାଚ୍ ଚାଲିଛି । ସେ କହିଛନ୍ତି ଯେ ଅମ୍ପାୟାର କିଣିବା ସହ ଅଧିନାୟକଙ୍କୁ ଭୟଭୀତ କରି ମ୍ୟାଚ୍ ଜିତିବା ପରେ ଆପଣ ମ୍ୟାଚ୍ ଫିକ୍ସିଂ ଶବ୍ଦ ଶୁଣିଥିବେ । ରାହୁଲ କହିଛନ୍ତି ଯେ ଆମ ଦଳର ମ୍ୟାଚ୍ ପୂର୍ବରୁ ଦୁଇ ଖେଳାଳି (କେଜ୍ରିୱାଲ-ସୋରେନ) ଙ୍କୁ ଜେଲରେ ରଖାଯାଇଛି । ରାହୁଲ ଗାନ୍ଧୀ ମଧ୍ୟ ରାଲି ସମୟରେ ଇଭିଏମ୍ ମେସିନ୍ ଉପରେ ପ୍ରଶ୍ନ ଉଠାଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ସେ (ନରେନ୍ଦ୍ର ମୋଦୀ) ଏହି ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ କରିବାକୁ ଚେଷ୍ଟା କରୁଛନ୍ତି । ସେ କହିଛନ୍ତି ଯେ ଇଭିଏମ୍ ଦୁରୁପଯୋଗ ନକରି ବିଜେପି ୪୦୦ ସଂଖ୍ୟା ପାର କରିପାରିବ ନାହିଁ । କଂଗ୍ରେସ ଦଳର ବ୍ୟାଙ୍କ ଆକାଉଣ୍ଟକୁ ସିଜ କରିବା ପ୍ରସଙ୍ଗରେ ରାହୁଲ ଗାନ୍ଧୀ କହିଛନ୍ତି ଯେ ସବୁଠାରୁ ବଡ ବିରୋଧୀ ଦଳର ବ୍ୟାଙ୍କ ଆକାଉଣ୍ଟ ବନ୍ଦ

ଅବଶିଷ୍ଟାଂଶ ୭ ପୃଷ୍ଠାରେ

# ସାଧାରଣ ନିର୍ବାଚନ: ଏଥର ସମ୍ବଲପୁରରେ ମହାସଂଗ୍ରାମ, ଧର୍ମେନ୍ଦ୍ରଙ୍କ ସହ ପ୍ରଣବଙ୍କ ଲଢ଼େଇ



**ସମ୍ବଲପୁର(ଏନ୍.ଏମ୍.):** ଏଥର ସାଧାରଣ ନିର୍ବାଚନ ପାଇଁ ସବୁଠୁ ରୋଚକପୂର୍ଣ୍ଣ ଲଢ଼େଇ ହେବ ସମ୍ବଲପୁର ଲୋକସଭା ନିର୍ବାଚନରେ । ଏଥର ବିଜେଡି ଓ ବିଜେପି ମଧ୍ୟରେ ହେବ ମହାସଂଗ୍ରାମ । ବିଜେପିରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡିରୁ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରାର୍ଥୀ ହେବାପରେ ରାଜ୍ୟ ରାଜନୀତିରେ ଏହିଭଳି ଏକ ଚର୍ଚ୍ଚା ଆରମ୍ଭ ହୋଇଛି । ଉଭୟ ଦଳ ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କିଛିମାସ ତଳୁ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀହେବା ଲକ୍ଷ୍ୟରେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ନିଜସ୍ୱ ଟିମ୍ ସହିତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସମ୍ବଲପୁର ଲୋକସଭା କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ଟି ବିଧାନସଭା କ୍ଷେତ୍ରରେ ସକ୍ରିୟ ରହିଥିଲେ । ଧର୍ମେନ୍ଦ୍ରଙ୍କ ପ୍ରସ୍ତୁତି ଜଣାପଡ଼ିବା ପରେ ବିଜେଡି ମଧ୍ୟ ତାଙ୍କୁ କଡ଼ା ଟକ୍କର ଦେଇପାରୁଥିବା ଭଳି ଜଣେ ନେତାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ଲକ୍ଷ୍ୟ ରଖିଥିଲା । ଗତ ଜାନୁଆରି ମାସରେ ମଧ୍ୟ ଏହାର ଆଭାସ ମିଳିଯାଇଥିଲା ଏବଂ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ନିଜେ ପ୍ରଣବ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଶେଷରେ, ବିଜେଡିର ସେହି ଯୋଜନା କାର୍ଯ୍ୟକାରୀ ହେବା ସହିତ ପ୍ରଣବ

ଅବଶିଷ୍ଟାଂଶ ୭ ପୃଷ୍ଠାରେ

# ଜାଲରେ ପଡ଼ିଲେ ରାଜଧାନୀର ଦୁଇ ନିଶା ଦିଆ ଲୁଟେରା



**ଭୁବନେଶ୍ୱର(ଏନ୍.ଏମ୍.):** ମିଠା ମିଠା କଥା କହି ଅଟୋରେ ବସାଉ ଥିଲେ । ଆଉ ପରବର୍ତ୍ତୀ ସମୟରେ ଥଣ୍ଡା ପାନୀୟରେ ନିଶା ଦେଇ ଲୁଟୁଥିଲେ । ରାଜଧାନୀର ଏପରି ଦୁଇ ଲୁଟେରାଙ୍କୁ ଆଜି ଧରି ଭୁବନେଶ୍ୱର କମିଶନରେଟ୍ ପୁଲିସ୍ । ପରିବା ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ପୁଲିସ୍ ଏହି ଦୁଇ ଲୁଟେରାଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଗୋଟିଏ ଅଟୋ ଓ ନିଶା ଔଷଧ ଜବତ କରିଛି ପୁଲିସ୍ । ଭୁବନେଶ୍ୱର ୟୁନିଟ୍-୧ ହାଟରେ ପରିବା ବିକ୍ରି କରନ୍ତି ନରେଶ ସ୍ୱାଇଁ । ସବୁଦିନ ପରି ୨୦ ତାରିଖରେ ପରିବା ବିକ୍ରି କରିବାକୁ ଯାଇଥିଲେ । ସେଦିନ ବଳି ପଡ଼ିଥିବା ପରିବା ୨୧ ତାରିଖରେ ବିକ୍ରି କରିବାକୁ ଯାଇଥିଲେ । ପରିବା ବିକ୍ରି ପରେ ମଧ୍ୟାହ୍ନରେ ଘରକୁ ଫେରୁଥିଲେ ନରେଶ । ତେବେ ସେ ଆଚାର୍ଯ୍ୟ ବିହାର ଛକରେ ବୁଦ୍ଧିରାମ ସ୍ୱାଇଁ ଓ ଗୁଡ୍ଡୁ ନାୟକଙ୍କ ହାବୁଡ଼ରେ ପଡ଼ିଥିଲେ । ତାଙ୍କ ଅଟୋରେ ଯିବା ପାଇଁ ଉଭୟ ବାହାନା କରି ନରେଶଙ୍କୁ ଡାକିଥିଲେ । କିଛି ବୁଝି ନପାରି ସେମାନଙ୍କ ଅଟୋରେ ବସିଥିଲେ ନରେଶ । ଅଟୋ ଚାଲିବାର କିଛି ସମୟରେ ବୁଦ୍ଧିରାମ ଓ ଗୁଡ୍ଡୁ ଥଣ୍ଡା ପାନୀୟରେ ନିଶା ଔଷଧ ମିଶାଇ ନରେଶଙ୍କୁ ଖାଇବାକୁ ଦେଇଥିଲେ । ନରେଶ କିଛି ନଜାଣି ସେହି ଥଣ୍ଡା ପାନୀୟକୁ ପିଇ ଦେଇଥିଲେ । ତା'ପରେ ସେ ସଂଜ୍ଞା ହରାଇ ପଡ଼ିଥିଲେ । ଏହାପରେ ନରେଶଙ୍କୁ କଟକ ଜଗତପୁର ବଜାରରେ ପକାଇ ଚମ୍ପଟ ମାରିଥିଲେ ବୁଦ୍ଧିରାମ ଓ ଗୁଡ୍ଡୁ । ତାଙ୍କ ପାଖରେ ଥିବା ସବୁ ଟଙ୍କା ନେଇଯାଇଥିଲେ । ନରେଶ ଘରକୁ ନଫେରିବାରୁ ତାଙ୍କ ପୁଅ ମନୋରଞ୍ଜନ ସ୍ୱାଇଁ ବାପାଙ୍କ ମୋବାଇଲ୍କୁ ଫୋନ୍ କରିଥିଲେ । କିନ୍ତୁ ତାଙ୍କ ଫୋନ୍ ବନ୍ଦ ରହିଥିଲା । କିଛି ସମୟ ପରେ ମନୋରଞ୍ଜନଙ୍କ ମୋବାଇଲକୁ ଏକ ଫୋନ୍ କଲ ଆସିଥିଲା । ସେ ଫୋନ୍ ରିସିଭ୍ କରିବା ପରେ ପୂରା ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ । ମନୋରଞ୍ଜନ ଜଗତପୁର ବଜାରରେ ପହଞ୍ଚି ବାପାଙ୍କୁ ଉଦ୍ଧାର କରି ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍ରେ ଭର୍ତ୍ତି କରିଥିଲେ । ନରେଶ ସୁସ୍ଥ ହେବା ପରେ ପୂରା ଘଟଣା କହିଥିଲେ । ଏହା ପରେ ମନୋରଞ୍ଜନ ଏନେଇ ସହିଦ୍ନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କମିଶନରେଟ୍ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଏହି ମାମଲାରେ ବୁଦ୍ଧିରାମ ଓ ଗୁଡ୍ଡୁଙ୍କୁ ଗିରଫ କରିଛି

ଅବଶିଷ୍ଟାଂଶ ୭ ପୃଷ୍ଠାରେ

# ବିଜେଡି ଛାଡ଼ିଦେଲେ ୪ ଅଭିନେତା: ଶଙ୍ଖକୁ ବାଏ ବାଏ କଲେ ଅନୁଭବ, ଆକାଶ, ଅରିନ୍ଦମ, ସିଦ୍ଧାନ୍ତ



**ଭୁବନେଶ୍ୱର(ଏନ୍.ଏମ୍.):** ଓଡ଼ିଆ ସିନେମାର ୪ ଅଭିନେତା ବିଜେଡି ଛାଡ଼ି ଦେଇଛନ୍ତି । ଅଭିନେତାରୁ ରାଜନେତା ପାଲଟିଥିବା ଏହି ୪ ଅଭିନେତାଙ୍କ ମଧ୍ୟରୁ ଦୁଇ ଜଣ ବିଜେପିରେ ଯୋଗ ଦେଇ ସାରିଥିବାବେଳେ ଆଉ ଦୁଇ ଜଣ ଆଜି ଦଳରୁ ଇସ୍ତଫା ଦେଇଛନ୍ତି । ବିଜେଡି ଛାଡ଼ିଥିବା ଏହି ୪ଅଭିନେତା ହେଉଛନ୍ତି- ସିଦ୍ଧାନ୍ତ ମହାପାତ୍ର, ଅନୁଭବ ମହାନ୍ତି, ଆକାଶ ଦାସ ନାୟକ ଓ ଅରିନ୍ଦମ ରାୟ । ପ୍ରଥମେ ଦଳ ଛାଡ଼ିଥିଲେ ଅରିନ୍ଦମ ରାୟ । ସେ ମାର୍ଚ୍ଚ ୧୫ ତାରିଖରେ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ । ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇଥିବା ତାଙ୍କ ଇସ୍ତଫାପତ୍ରରେ ତାଙ୍କ ଅସନ୍ତୋଷ ଜାହିର କରିଥିଲେ । ସେ ଲେଖିଥିଲେ- ମୁଁ ଆପଣଙ୍କ ଦଳରେ ୨୦୦୯ରୁ କାର୍ଯ୍ୟ କରିଆସୁଛି । ୨୦୧୪ରୁ ମୁଁ ଆପଣଙ୍କ ଦଳର ଷ୍ଟାର କ୍ୟାମ୍ପେନର ରହି ଆସିଛି । ବିଭିନ୍ନ ନିର୍ବାଚନରେ ପର୍ଯ୍ୟବେକ୍ଷକ ଭାବେ କଟକ, ତିର୍ତ୍ତୋଲ ଓ କୋରାପୁଟରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିଛି । କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ, ମୋ କାର୍ଯ୍ୟକୁ ଆପଣ କିମ୍ବା ଆପଣଙ୍କ ଦ୍ୱାରା ନିଯୁକ୍ତ ସଦସ୍ୟମାନେ ଏଯାବତ ସ୍ୱୀକୃତି ଦେଇ ନାହାନ୍ତି । ମୁଁ ଆପଣଙ୍କୁ ସାକ୍ଷାତ କରିବାକୁ ଚେଷ୍ଟା କରିଥିଲି । କିନ୍ତୁ ଦୁର୍ଭାଗ୍ୟ ବଶତଃ ଆପଣଙ୍କୁ ଦେଖା କରିବାକୁ ମୋତେ ସୁଯୋଗ ମିଳିଲା ନାହିଁ । ତେଣୁ ଆପଣଙ୍କୁ ଭେଟିବାର ମାପଦଣ୍ଡ ମୁଁ ପୂରଣ କରିପାରୁ ନାହିଁ ବୋଲି ଅନୁଭବ କଲି । ଆପଣଙ୍କ ଦଳରେ ମୋର ସ୍ଥାନ କିଛି ନୁହେଁ ବୋଲି ଭାବୁଛି । ଏଣୁ ମୁଁ ବିଜେଡିର ସାଧାରଣ ସଂପାଦକ ପଦ ଓ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି । ଆଶା କରୁଛି, ଆପଣ ମୋ ପରିସ୍ଥିତି ବୁଝିବେ ଓ ମୋ ଉପରେ କିଛି ଆକ୍ରୋଶ ରଖିବେ ନାହିଁ । ଦୁଇ ଦିନ ତଳେ ସିଦ୍ଧାନ୍ତ ମହାପାତ୍ର ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ । ସିଦ୍ଧାନ୍ତ ମହାପାତ୍ର ଦୁଇ ଥର ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ୨୦୦୯ ଓ

ଅବଶିଷ୍ଟାଂଶ ୭ ପୃଷ୍ଠାରେ

## ଦିଗହରା ହେଲେଣି ସରକାରୀ ଯୋଜନା
# ଅସହାୟ ଏ ପରିବାର; ଅର୍ଥ ଅଭାବରୁ ମୃତଦେହ ନେଇପାରିଲେନି



**କୁଚିଣ୍ଡା(ଏନ୍.ଏମ୍.):** ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାର ବିଭିନ୍ନ ଯୋଜନା କରିଥିବାବେଳେ ସମସ୍ତଙ୍କ ପାଖରେ ପହଞ୍ଚି ପାରୁନି ସରକାରୀ ଯୋଜନା । ବଡ଼ବଡ଼ିଆ ବାବୁ ମାନଙ୍କ ଫାଇଲତଳେ ଚାପି ହୋଇ ରହିଯାଉଛି ବହୁ ଗରିବ ଅସହାୟ ପରିବାର ଲୋକଙ୍କ ଭାଗ୍ୟ । କେତେବେଳେ ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ନୀତିତ ଆଉ କେତେବେଳେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆକ୍ରୋଶ । ଏହିଭଳି ବିଭିନ୍ନ କାରଣ ଯୋଗୁଁ ପ୍ରକୃତ ହିତାଧିକାରୀ ପାଖରେ ଅପହଞ୍ଚ ହୋଇ ପଡୁଛି ସରକାରଙ୍କ ମାଳମାଳ ଯୋଜନା । ସତେ ଯେମିତି ଏସବୁ ଦିଗହରା ହୋଇ ପଡ଼ିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲ୍ଲା ଅଞ୍ଚଳରେ । ଅସହାୟ ଏ ପରିବାର ! ଯେଉଁ ପରିବାର ପାଇଁ ଘର ଦ୍ୱାର ଛାଡ଼ି ଦାଦନ ଖଟିବାକୁ ଯାଇଥିଲେ । ଭାବିଥିଲେ ରୋଜଗାର କରି ଟଙ୍କା ଆଣିଲେ ପରିବାର ଲୋକଙ୍କ ପେଟରେ ଦାନା ଦେବେ । ହେଲେ ଦୁର୍ଭାଗ୍ୟ ଦେଖନ୍ତୁ ଦାଦନ ଖଟିବାକୁ ଯାଇ ଶବ ପାଲଟିଗଲେ । ଘରକୁ ଫେରିପାରିଲେ ନାହିଁ । ଆର୍ଥିକ ଅନଟନରେ ଘାଣ୍ଟି ହେଉଥିବା ପରିବାର ଲୋକେ ମଧ୍ୟ ମୃତଦେହ ନେବା ପାଇଁ ଅସହାୟତା ପ୍ରକାଶ କରିଥିଲେ । ତେଣୁ ମୃତଦେହ ସତ୍କାର କଲା ପୁଲିସ ଓ ସ୍ୱେଚ୍ଛାସେବୀ । ପୂରା ଘଟଣା ଏମିତି । ଗତ ୨୬ ତାରିଖରେ ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଗଡ଼ପୋଷ(ଯୌତୁକବାହାଲ) ଗାଁ ନିକଟ ରେଳ ଧାରଣା ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିଲା । ବାମରା ଜିଆରପି ଫାଣ୍ଡି ପୁଲିସ୍ ମୃତଦେହ ଜବତ କରିଥିଲା । ଏଥିସହ ମୃତଦେହ ପାଖରେ ଗୋଟିଏ ଫୋନ୍ ନମ୍ବର ପାଇଥିଲା । ସେହି ନମ୍ବରରେ ଯୋଗାଯୋଗ କରିଥିଲା ଜିଆରପି ତା' ପରେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିଥିଲା । ସେ ଆସାମ ରାଜ୍ୟର ସୋନିତପୁର ଜିଲ୍ଲା ଚାରିଦ୍ୱାର ବ୍ଲକ୍ ଘାଗରା ବାହାବାରି ଗାଁର ଶିରାମ ସାନଡିଗୁରିଆ (୨୮) ବୋଲି ସ୍ପଷ୍ଟ ହୋଇଥିଲା । ପରିଚୟ ମିଳିବା ପରେ ମୃତଦେହ ନେଇଯିବା ପାଇଁ ଅନୁରୋଧ କରିଥିଲା ପୁଲିସ୍ । ହେଲେ ଅସହାୟତା ପ୍ରକାଶ କରିଥିଲେ ମୃତ ଶିରାମଙ୍କ ପରିବାର ଲୋକେ । ଶିରାମଙ୍କ ପରିବାର ଅତି ଗରିବ ଶ୍ରେଣୀରେ ହୋଇଥିବାରୁ ବାମରା ଆସିବାକୁ ଅକ୍ଷମତା ପ୍ରକାଶ କରିଥିଲେ । ଏହା ପରେ ମୃତଦେହକୁ ସରକାରୀ ନିୟମ ଅନୁସାରେ ୭୨ ଘଣ୍ଟା ଧରି ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଫ୍ରିଜରରେ ସୁରକ୍ଷିତ ରଖାଯାଇଥିଲା । ଗତ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ଅପରାହ୍ନ ପ୍ରାୟ ୪ଟା ବେଳେ ମୁଣ୍ଡାଡିପା ସ୍ଥିତ ଶ୍ମଶାନରେ ଗାତ ଖୋଳି ପୋତି ଦିଆଯାଇଥିଲା । ବାମରା ଜିଆରପି ଫାଣ୍ଡି ଅଧିକାରୀ ଅରୁଣ ଭଇଁସାଳଙ୍କ ସହ ଅନ୍ୟାନ୍ୟ କର୍ମଚାରୀ, ସ୍ୱେଚ୍ଛାସେବୀ ଆକାଶ ଦୀକ୍ଷିତ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ଶିବ ଶଙ୍କର ପାଲ, ପୀର ଅନସାରି, ୱାର୍ଡ ସଭ୍ୟ ରାଜା ନାଏକ ଓ ରାଜା ଖାନ ପ୍ରମୁଖଙ୍କ ସହାୟତାରେ ମୃତଦେହ ସତ୍କାର କରାଯାଇଥିଲା । ସ୍ୱେଚ୍ଛାସେବୀଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳରେ ବେଶ ପ୍ରଶଂସା କରାଯାଉଛି ।

# କଂଗ୍ରେସକୁ ମିଳିଲା ପୁଣି ଆୟକର ବିଭାଗର ୨ଟି ନୋଟିସ !



**ନୂଆଦିଲ୍ଲୀ(ଏଜେନ୍ସି):** ଲୋକସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ଦେଶର ପ୍ରମୁଖ ବିରୋଧୀ ଦଳ କଂଗ୍ରେସର ଅଡୁଆ ସେତିକି ବଢ଼ିବାରେ ଲାଗିଛି । ଶୁକ୍ରବାର ରାତିରେ କଂଗ୍ରେସକୁ ଆୟକର ବିଭାଗ ପୁଣି ଦୁଇଟି ନୋଟିସ ପଠାଇଛି । ଟିକସ ପୈଠ ନକରିବା ଅଭିଯୋଗରେ ଆୟକର ବିଭାଗ ପ୍ରଥମେ କଂଗ୍ରେସକୁ ୧୮୨୩.୦୮ କୋଟି ଟଙ୍କାର ଫାଇନ ଲାଗୁ କରିଥିଲା । ଏବେ ଦଳ ପାଖକୁ ଆୟକର ବିଭାଗ ଆଉ ୨ଟି ନୋଟିସ ପଠାଇଥିବା କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ କରିଛନ୍ତି । ସେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, "ଗତ ରାତିରେ ଆଉ ଦୁଇଟି ନୋଟିସ ଆସିଛି । ଶୁକ୍ରବାର ଦିନ ସମୟରେ କଂଗ୍ରେସକୁ ୧୮୨୩.୦୮ କୋଟି ଟଙ୍କାର ନୋଟିସ ମିଳିଥିଲା । ଏହା ପଛରେ ବିଜେପିର ହାତ ରହିଛି ।" ଆୟକର ବିଭାଗ କଂଗ୍ରେସକୁ ଠିକ ନିର୍ବାଚନ ପୂର୍ବରୁ ନୋଟିସ କରୁଥିବାରୁ ଦଳର ଚିନ୍ତା ବଢ଼ିଛି । ବିଜେପି ଟିକସ ଆତଙ୍କବାଦ ଚଳାଇଛି । କ୍ଷମତାସୀନ ଦଳ ବିଜେପି ଏବେ କଂଗ୍ରେସକୁ ଆର୍ଥିକସ୍ତରରେ ପଙ୍ଗୁ କରିବାକୁ ଉଦ୍ୟମ କରୁଥିବା ରମେଶ ଗତକାଲି ଅଭିଯୋଗ କରିଥିଲେ ।

# ଖୁବ୍‌ଶୀଘ୍ର ହେବ ଆଦିତ୍ୟ ଓ ଅନନ୍ୟାଙ୍କ ନିର୍ବନ୍ଧ



**ମୁମ୍ବାଇ(ଏଜେନ୍ସି):** ଖୁବଶୀଘ୍ର ବଲିଉଡ ଅଭିନେତା ଆଦିତ୍ୟ ରାୟ କପୁର ଓ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କର ହେବ ନିର୍ବନ୍ଧ। ଏବେ ଆଉ ଲୁଚାଛପାରେ ନୁହେଁ ଖୁଲମଖୁଲା ନିଜ ସମ୍ପର୍କ ଉପରେ ମୋହର ମାରିବେ ଏହି ଲଭ୍ ବାର୍ଡ। ନିଜଠାରୁ ୧୩ ବର୍ଷ ବଡ଼ ପୁରୁଷ ବନ୍ଧୁ ଆଦିତ୍ୟ ରାୟ କପୁଙ୍କ ସହ ନିର୍ବନ୍ଧ କରିବେ ଅନନ୍ୟା। ଏନେଇ ଖୁବ୍ ଜୋରସୋରରେ ପ୍ଲାନିଂ ଚାଲିଥିବା ସୂଚନା ରହିଛି। ନିର୍ବନ୍ଧ ପରେ ଖୁବ୍ ଶୀଘ୍ର ଏହି ଲଭ୍ ବାର୍ଡଙ୍କର ହାତଗଣ୍ଠି ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ତେବେ ଆଦିତ୍ୟ ଓ ଅନନ୍ୟାଙ୍କ ନିର୍ବନ୍ଧ କେଉଁଠି ହେବ, ତାହା ଜଣାପଡ଼ିନାହିଁ। ରିପୋର୍ଟ ମୁତାବିକ ଏବେ ଉଭୟ ନିଜ ନିଜର କାମକୁ ନେଇ ବ୍ୟସ୍ତ ଅଛନ୍ତି। ସୂଚନାଯୋଗ୍ୟ, ନିକଟରେ ମୁକେଶ ଅମ୍ବାନିଙ୍କ ସାନ ପୁଅ ଅନନ୍ତ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ପ୍ରି-ୱେଡ଼ିଂ ସମାରୋହରେ ଆଦିତ୍ୟ ଓ ଅନନ୍ୟା ସାମିଲ ହୋଇଥିଲେ। ଉଭୟ ଏକାଠି ପୋଜ ଦେଉଥିବା ଦେଖିବାକୁ ମିଳିଥିଲା। ଏହି ଫଟୋରେ ଆଦିତ୍ୟ ଓ ଅନନ୍ୟାଙ୍କୁ ରଣବୀର କପୁର ଚିଅରଅପ କରୁଥିବା ଦେଖିବାକୁ ମିଳିଥିଲା, ଯାହା ସୋଶାଲ ମିଡିଆରେ ଖୁବ ଭାଇରାଲ ହୋଇଥିଲା।

# ବାହା ହେଲେ ଅଦିତି ଓ ସିଦ୍ଧାର୍ଥ



**ମୁମ୍ବାଇ(ଏଜେନ୍ସି):** ବାହା ହେଲେ ଅଭିନେତ୍ରୀ ଅଦିତି ରାଓ ହୈଦରୀ ଓ ଅଭିନେତା ସିଦ୍ଧାର୍ଥ। ଗତ ମଙ୍ଗଳବାର ତେଲଙ୍ଗାନାର ଶ୍ରୀରଙ୍ଗପୁର ସ୍ଥିତ ଶ୍ରୀ ରଙ୍ଗନାୟକସ୍ୱାମୀ ମନ୍ଦିରରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଛି। ପରିବାର ଲୋକ ଓ ଘନିଷ୍ଠ ବନ୍ଧୁମାନଙ୍କ ଉପସ୍ଥିତିରେ ସେମାନଙ୍କ ବିବାହ ହୋଇଥିଲା। ଏହି ବିବାହ ନେଇ ଖୁବ୍‌ଶୀଘ୍ର ଉଭୟ ଆନୁଷ୍ଠାନିକ ଭାବେ ଘୋଷଣା କରିବେ ବୋଲି ଜଣାପଡ଼ିଛି। ଅଦିତି ଓ ସିଦ୍ଧାର୍ଥ ପ୍ରାୟ ୩ ବର୍ଷ ହେଲା ରିଲେସନ୍‌ଶିପ୍ରେ ଥିଲେ। ୨୦୨୧ରେ ଉଭୟ ତାମିଲ ଓ ତେଲୁଗୁ ଭାଷାରେ ନିର୍ମିତ ଫିଲ୍ମ ‘ମହା ସମୁଦ୍ରମ୍’ରେ ଅଭିନୟ କରିଥିଲେ। ଏହି ଫିଲ୍ମରେ କାମ କରିବା ସମୟରେ ସେମାନେ ପରସ୍ପରକୁ ଡେଟ୍ କରୁଥିଲେ। ତେବେ ସେତେବେଳେ ଏ ବିଷୟରେ କେହି ଜାଣିପାରି ନଥିଲେ। କିନ୍ତୁ ପରେ ପରେ ସେମାନଙ୍କୁ ବିଭିନ୍ନ ଫିଲ୍ମର ପ୍ରିମିୟର ଶୋ’, ପୁରସ୍କାର ଉତ୍ସବ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଥିଲା। ଏହା ପରେ ସେମାନଙ୍କ ସଂପର୍କକୁ ନେଇ ଚର୍ଚ୍ଚା ହୋଇଥିଲା। ଅଦିତି ପୂର୍ବରୁ ଅଭିନେତା ସତ୍ୟଦୀପ ମିଶ୍ରାଙ୍କୁ ବିବାହ କରିଥିଲେ। ସିଦ୍ଧାର୍ଥଙ୍କୁ ଶେଷ ଥର ପାଇଁ ତାମିଲ ଫିଲ୍ମ ‘ଚିତା’ରେ ଦେଖିଥିଲେ ଦର୍ଶକ। ଫିଲ୍ମଟି ବେଶ୍ ପ୍ରଶଂସିତ ହୋଇଥିଲା। ଅନ୍ୟପକ୍ଷରେ ଅଦିତିଙ୍କୁ ଶେଷ ଥର ପାଇଁ ତାମିଲ ଫିଲ୍ମ ‘ହେ ସିନାମିକା’ରେ ଦେଖିବାକୁ ମିଳିଥିଲା। ଆଗକୁ ଅଦିତିଙ୍କୁ ସଞ୍ଜୟ ଲୀଲା ଭଂଶାଲିଙ୍କ ଫିଲ୍ମ ‘ହୀରାମଣ୍ଡି’ରେ ଦେଖିବାକୁ ପାଇବେ ଦର୍ଶକ। ତାଙ୍କର ଆଉ ଦୁଇଟି ଫିଲ୍ମ ମଧ୍ୟ ଆଗକୁ ଆସିବ। ସେଗୁଡ଼ିକ ହେଉଛି- Gandhi Talks ଓ Lioness।

# ବାହା ହେଲେ ତାପସୀ ପନ୍ନୁ



**ମୁମ୍ବାଇ(ଏଜେନ୍ସି):** ବଲିଉଡ ଅଭିନେତ୍ରୀ ତାପସୀ ପନ୍ନୁ ବିବାହ କରିଛନ୍ତି। ସେ ତାଙ୍କର ଦୀର୍ଘ ଦିନର ପ୍ରେମିକ ତଥା ବ୍ୟାଡମିଣ୍ଟନ ଖେଳାଳି ମାଥିଆସ୍ ବୋଙ୍କ ହାତ ସାତ ଜନ୍ମ ପାଇଁ ଧରିଛନ୍ତି। ମାର୍ଚ୍ଚ ୨୩ରେ ଉଦୟପୁରରେ ଉଭୟଙ୍କ ବିବାହ ଶେଷ ହୋଇଛି। ବିବାହ ଉତ୍ସବରେ ତାପସୀ ଓ ମାଥିଆସଙ୍କ ଘନିଷ୍ଠ ବନ୍ଧୁ ଏବଂ ପରିବାର ଲୋକ ଉପସ୍ଥିତ ରହିଥିଲା। ଅନୁରାଗ କଶ୍ୟପ ଓ କନିକା ଧିଲନଙ୍କ ଭଳି କିଛି ହାତ ଗଣତି ସେଲେବ୍ରିଟି ବାହାଘର ଉତ୍ସବରେ ଯୋଗ ଦେଇଥିଲେ। ଥାପଡରେ ତାପସୀଙ୍କ ସହ ଅଭିନୟ କରିଥିବା ପାବିଲ ଗୁଲାଟି ବାହାଘର ପାର୍ଟିର ଗୋଟିଏ ଫଟୋ ଶେୟାର କରିଛନ୍ତି। ଫଟୋରେ କମେଡିଆନ ଅଭିଲାଶ ଥାପିୟାଲଙ୍କୁ ଦେଖିବାକୁ ମିଳିଛି। ତାପସୀ ଓ ମାଥିଆସ ବହୁତ କମ ଲୋକଙ୍କ ଉପସ୍ଥିତିରେ ବାହା ହୋଇଥିଲେ ମଧ୍ୟ ମୁମ୍ବାଇରେ ଭୋଜି ଦେବେ। ଏଥିରେ ଉଭୟଙ୍କ ବନ୍ଧୁ ଓ ସହକର୍ମୀମାନେ ସାମିଲ ହେବେ। ଉଭୟ ଖୁବଶୀଘ୍ର ରିସେପସନ ପାର୍ଟିର ତାରିଖ ଘୋଷଣା କରିବେ ବୋଲି ଜଣାପଡ଼ିଛି। ପାବିଲ ଗୁଲାଟି ବାହାଘର ପାର୍ଟିର ଫଟୋ ଶେୟାର କରି ଲେଖିଛନ୍ତି ଯେ “ଟ୍ୱିଙ୍କିଲ ଟ୍ୱିଙ୍କିଲ ଲିଟଲ ଷ୍ଟାର, ଆମେ ଜାଣିନୁ ଆମେ କେଉଁଠି।” ୧୦ ବର୍ଷରୁ ଅଧିକ ସମୟ ହେଲା ମାଥିଆସ ଓ ତାପସୀ ପରସ୍ପରକୁ ଭଲ ପାଉଥିଲେ। କିନ୍ତୁ ସେମାନେ କେବେ ହେଲେ ଏକଥା ଖୋଲାଖୋଲି ଭାବେ ପ୍ରକାଶ କରିନଥିଲେ। ତାପସୀ ଓ ମାଥିଆସ ବୋ ପ୍ରଥମେ ପରସ୍ପରକୁ ୨୦୧୩ରେ ଭେଟିଥିଲେ। ଇଣ୍ଡିଆନ ବ୍ୟାଡମିଣ୍ଟନ ଲିଗରେ ଉଭୟ ପରସ୍ପରକୁ ଦେଖିବା ପରେ ପ୍ରେମରେ ପଡ଼ି ଯାଇଥିଲେ। ଉଭୟଙ୍କୁ ଅନେକ ଥର ବିଭିନ୍ନ ସ୍ଥାନରେ ଏକାଠି ଦେଖିବାକୁ ମିଳିଥିଲା। କିଛି ସପ୍ତାହ ପୂର୍ବରୁ ଖବର ପ୍ରକାଶ ପାଇଥିଲା ଯେ ତାପସୀ-ମାଥିଆସଙ୍କ ବାହାଘର ଶିଖ-ଖ୍ରୀଷ୍ଟିୟାନ ଫ୍ୟୁଜନରେ ହେବ। ପ୍ରି-ୱେଡ଼ିଂ କାର୍ଯ୍ୟକ୍ରମ ୨୦ ତାରିଖରୁ ଆରମ୍ଭ ହେବ ଓ ମାର୍ଚ୍ଚ ୨୩ରେ ଦୁଇ ଜଣ ପରସ୍ପରର ହାତ ଧରିବେ। ସତକୁ ସତ ତାପସୀ-ମାଥିଆସ ଏବେ ମାର୍ଚ୍ଚ ୨୩ରେ ବାହା ହୋଇଛନ୍ତି। ଲେଖିକା କନିକା ଅନେକ ସିନେମାରେ ତାପସୀଙ୍କ ସହ କାମ କରିଛନ୍ତି। ସେ ତାଙ୍କ ସ୍ୱାମୀ ହିମାଂଶୁ ଶର୍ମାଙ୍କ ସହ ଉଦୟପୁରରେ ଅନୁଷ୍ଠିତ ବାହାଘରରେ ସାମିଲ ହୋଇଥିଲେ। ହସୀନ ଦିଲରୁବା, ମନମରଜିଆଁ, ଡଙ୍କି ଓ ଫିର ଆୟେ ହସୀନ ଦିଲରୁବା ଭଳି ସିନେମାରେ ତାପସୀ-କନିକା କାମ କରିଛନ୍ତି।

# ହୃଦଘାତରେ ଅଭିନେତା ଡାନିଏଲ ବାଲାଜୀଙ୍କ ପରଲୋକ



**ଚେନ୍ନାଇ(ଏଜେନ୍ସି):** ତାମିଲ ନାଡୁର ବିଶିଷ୍ଟ ଅଭିନେତାଙ୍କ ଅକାଳ ବିୟୋଗ ନେଇ ସାରା ଦେଶର ଫିଲ୍ମ ଇଣ୍ଡଷ୍ଟ୍ରିଜରେ ଶୋକର ଛାୟା ଖେଳିଯାଇଛି। ନକରାତ୍ମକ ଚରିତ୍ରରେ ଅଭିନୟ କରୁଥିବା ଜଣେ ସକରାତ୍ମକ ଚିନ୍ତାଧାରାର ବ୍ୟକ୍ତିତ୍ୱଙ୍କୁ ହରାଇ ଟଲିଉଡ଼ ବେଶ ମର୍ମାହତ ହୋଇ ପଡ଼ିଛି। ବିଶିଷ୍ଟ ତାମିଲ ଅଭିନେତା ଟି.ସି ବାଲାଜୀ ଓରଫ ଡାନିଏଲ୍ ବାଲାଜୀଙ୍କର ଗତ ଶୁକ୍ରବାର ରାତିରେ ଚେନ୍ନାଇରେ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇ ଯାଇଛି। ତେବେ ତାଙ୍କର ହୃଦଘାତ ଯୋଗୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୮ ବର୍ଷ ହୋଇଥିଲା। ଡାନିଏଲ୍ ଗତ ଶୁକ୍ରବାର ଦିନ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତରମାନେ ତାଙ୍କର ଚିକିତ୍ସା କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାନିଏଲ ବାଲାଜୀଙ୍କ ମୃତ୍ୟୁ ଖବର ପାଇବା ପରେ ତାଙ୍କ ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଫ୍ୟାନ୍ ଓ ତାମିଲ ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ପ୍ରତ୍ୟେକ ଲୋକ ସ୍ତବ୍ଧ ହୋଇ ଯାଇଛନ୍ତି। ଫିଲ୍ମରେ ନେଗେଟିଭ୍ ଚରିତ୍ରରେ ଅଭିନୟ କରୁଥିଲେ ଡାନିଏଲ ବାଲାଜୀ। ତାମିଲ ଫିଲ୍ମ ‘ବେଟ୍ଟୈୟାଡୁ ବିଲୈୟାଡୁ’ରେ ତାଙ୍କର ଅଭିନୟକୁ ସମସ୍ତ ପ୍ରଶଂସା କରିଛନ୍ତି। କମଲ ହାସଲଙ୍କ ଅସମାପ୍ତ ଡିମ୍ ପ୍ରୋଜେକ୍ଟ ‘ମରୁଧନାୟଗମ’ରେ ଜଣେ ୟୁନିଟ ପ୍ରଡକ୍ସନ ମ୍ୟାନେଜରରୁ କ୍ୟାରିୟର ଆରମ୍ଭ କରିଥିଲେ ଡାନିଏଲ। ପରବର୍ତ୍ତୀ ସମୟରେ ସେ ୨୦୦୦ ମସିହାରେ ତାମିଲର ଏକ ହିଟ୍ ଟେଲିଭିଜନ ଧାରାବାହିକ ‘ସିତ୍ତି’ରେ ଅଭିନୟ କରିଥିଲେ। ଏଥିରେ ସେ ଡାନିଏଲ ଚରିତ୍ରରେ ଅଭିନୟ କରିଥିଲେ। ଆଉ ତା’ ପରେ ସେ ଡାନିଏଲ ବାଲାଜୀ ନାଁରେ ପରିଚିତ ହୋଇ ଯାଇଥିଲେ। ଗତ ୨୦୦୨ ମସିହାରେ ସେ ତାମିଲ ଫିଲ୍ମ ଏପ୍ରିଲ ମାଧାତିରେ ଡେବ୍ୟୁ କରିଥିଲେ। ତେବେ କାଖା କାଖା ତାଙ୍କୁ ଦେଇଥିଲା ବେଶ ପ୍ରସିଦ୍ଧି। ଶେଷଥର ପାଇଁ ସେ ‘ଆର୍ଯ୍ୟବାନ’ରେ ଅଭିନୟ କରିଥିଲେ। ତାମିଲ ଫିଲ୍ମ ସହିତ ସେ ମଲୟାଲମ, ତେଲୁଗୁ ଓ କନ୍ନଡ଼ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଥିଲେ। ତେବେ କେବଳ ତାମିଲ କାହିଁକି ତାଙ୍କର ପରଲୋକଗତ ଖବର ପାଇବା ପରେ ଭାରତର ସମସ୍ତ ଫିଲ୍ମ ଇଣ୍ଡଷ୍ଟ୍ରିଜରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ହଲିଉଡ, ବଲିଉଡ଼ ଏବଂ ଓଲିଉଡ଼ର ବହୁ ଅଭିନେତା ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅକାଳ ବିୟୋଗ ଭାରତୀୟ ଚଳଚ୍ଚିତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇବା ସହ ସ୍ୱର୍ଗତ ବାଲାଜୀଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯିବା ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

# ପେଟ ପାଇଁ ଔଷଧଠୁ ଭଲ ବେଲ !

ଆରମ୍ଭ ହୋଇଯାଇଛି ଗ୍ରୀଷ୍ମଋତୁର ପ୍ରଭାବ। ଏହି ଋତୁରେ, ଅଧିକାଂଶ ଲୋକଙ୍କର ପେଟଜନିତ ସମସ୍ୟା ଦେଖାଦିଏ। ଖାଇବା-ପିଇବାରେ ସାମାନ୍ୟ ଅସାବଧାନତା କାରଣରୁ ହଜମଠୁ ନେଇ ଗ୍ୟାସଟିକ, ଝାଡ଼ା-ବାନ୍ତି, ଜ୍ୱଳନ, ଅମ୍ଳତା, ପେଟ ଯନ୍ତ୍ରଣା ଆଦି ସୃଷ୍ଟି ହୁଏ। ପ୍ରକୃତିରୁ ମିଳୁଥିବା ଗୋଟିଏ ଫଳରେ ଏ ସମସ୍ତ ସମସ୍ୟାକୁ ଦୂର କରିବାର ଗୁଣ ରହିଛି, ତାହା ହେଉଛି ବେଲ। ଏଥିରେ କେଉଁ ସବୁ ଉପକାରୀ ଗୁଣ ରହିଛି, ଜାଣନ୍ତୁ...

ଖରା ଦିନରେ ବେଲ ପଣା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ପେଟ ପାଇଁ ଔଷଧ ଅପେକ୍ଷା ବେଲ ଅଧିକ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଏଥିରେ ଭିଟାମିନ୍-ଏ, ଭିଟାମିନ୍-ସି, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଆଇରନ୍, ଫୋଲେଟ୍, ପୋଟାସିୟମ୍ ଏବଂ ଫାଇବର ଥାଏ। ଏହା ପେଟ ଏବଂ ହଜମ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିବାରେ ସହାୟକ ହୋଇଥାଏ। ଗୋଟିଏ କପ୍ ବେଲ ପଣାରୁ ପ୍ରାୟ ୬୦-୭୦ କ୍ୟାଲୋରୀ ମିଳିଥାଏ।

### ବେଲ ପଣାର ଉପକାରୀ ଗୁଣ

- ଗ୍ରୀଷ୍ମଋତୁରେ ପ୍ରତିଦିନ ବେଲ ପଣା ପିଇବା ଦ୍ୱାରା ହଜମ ଭଲ ହୋଇଥାଏ। ଏଥିରେ ପ୍ରଚୁର ପରିମାଣର ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ।
- ବେଲ ପଣା ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୁଏ। ଏଥିରୁ ଭିଟାମିନ୍-ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ ଏବଂ ଅମ୍ଳତା ସମସ୍ୟାକୁ ହ୍ରାସ କରିଥାଏ।
- ଖରାଦିନରେ ଶରୀରକୁ ହାଇଡ୍ରେଟ୍ ରଖିବା ପାଇଁ ବେଲ ପଣାକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣରେ ଜଳୀୟ ଅଂଶ ଥାଏ, ଯାହା ପେଟର ଅମ୍ଳତା ଏବଂ ଜଳର ଅଭାବକୁ ଦୂର କରିଥାଏ।
- ବେଲକୁ ଭିଟାମିନ୍-ଏ, ଭିଟାମିନ୍-ସି ଏବଂ ବି୬ର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ। ବେଲରେ ଏହି ସବୁ ଗୁଣ ଥିବାରୁ ଏହା ପେଟ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। କୌଣସି ଔଷଧ ସେବନ କରିବା ଅପେକ୍ଷା ନିୟମିତ ବେଲ ପଣା ପିଇଲେ ପେଟର ଏକାଧିକ ସମସ୍ୟାକୁ ଦୂର କରାଯାଇ ପାରିବେ।

### ମା’ରାଣ ଦେହକୁ ନେବେନି...

ଭୋଅଟବେଳକୁ ନେତା ଡେଉଁସୁନ୍ତି
ଡେଇଁଲା ଭଳିଆ ବେଙ୍ଗ...
ରଙ୍ଗକୁଡ଼ରିକି କିଏ ଖସିଯାଏ
ଖସିଲା ଭଳିଆ ଚେଙ୍ଗ...
କଭର କରିଥା ଅଙ୍ଗ...
ରଙ୍ଗବାହାନାରେ ଚୋଲି ଭିଡ଼ିବାକୁ
କିଏ ହୁଏ ଚଙ୍ଗଚଙ୍ଗ...



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ‘ଚିକେନ କଟ୍ଲେଟ୍’



**ଆବଶ୍ୟକ ସାମଗ୍ରୀ:** ଚିକେନ କିମା, ପିଆଜ, ସିଝା ଆଳୁ, କର୍ଣ୍ଣଫ୍ଲୋର, କଞ୍ଚା ଲଙ୍କା, ଅଦା ଓ ରସୁଣ ବଟା, ଗରମ ମସଲା, ଲଙ୍କା ଗୁଣ୍ଡ, କଟା ଧନିଆ ପତ୍ର, ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ତେଲ ଗରମ କରି କଟା ପିଆଜ ପକାନ୍ତୁ। ପିଆଜର ରଙ୍ଗ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏହାପରେ ସେଥିରେ ଚିକେନ କିମା, ଅଦା ଓ ରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। କିଛି ସମୟ ପରେ ଏଥିରେ ଲଙ୍କା ଗୁଣ୍ଡ, ଲୁଣ ଓ ଗରମ ମସଲା ପକାଇ କିଛି ସମୟ ପାଇଁ ଘୋଡ଼ାଇ ଦିଅନ୍ତୁ।ଚିକେନ ଭଲ ଭାବେ ସିଝି ଗଲା ପରେ ଏହାକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ।ଏବେ ଗୋଟିଏ ପାତ୍ରରେ କର୍ଣ୍ଣଫ୍ଲୋର ଓ ଅଳ୍ପ ପାଣି ମିଶାଇ ଘୋଳ ପ୍ରସ୍ତୁତ କରନ୍ତୁ। ଅନ୍ୟ ଏକ ପାତ୍ରରେ ସିଝା ଆଳୁକୁ ଲୁଣ ଦେଇ ଚକଟି ସେଥିରେ ପୂର୍ବ ପ୍ରସ୍ତୁତ ଚିକେନ ମିଶାନ୍ତୁ।ଏହି ମିଶ୍ରଣକୁ ଅଟାଗୋଳା ପରି ଗୋଲ ଗୋଲ କରି ତାକୁ ଦୁଇ ହାତରେ ଅଳ୍ପ ଚାପି କର୍ଣ୍ଣଫ୍ଲୋର ଘୋଳରେ ବୁଡ଼ାଇ ତେଲରେ ଛାଣନ୍ତୁ। ଗୋଲଡେନ୍ ବ୍ରାଉନ୍ ରଙ୍ଗ ହେବା ପରେ ସେଗୁଡ଼ିକୁ ପ୍ଲେଟ୍କୁ କାଢ଼ି ଆଣନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ‘ଚିକେନ କଟ୍ଲେଟ୍’। ଏହାକୁ ସସ୍ କିମ୍ବା ଚଟଣି ସହ ପରଷନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




# ଆମେରିକାରେ ବ୍ରିଜ୍ ଭୁଶୁଡ଼ିବା ଘଟଣା, ଜାହାଜରେ ଥିବା ଭାରତୀୟ କ୍ରୁ ମେମ୍ବରଙ୍କୁ ମିଳିଲା ହିରୋ ଆଖ୍ୟା



**ନୂଆଦିଲ୍ଲୀ(ଏନ୍.ଏମ୍.):** ଆମେରିକାର ବାଲଟିମୋର ସହରରେ ଏକ ଜାହାଜ ଧକ୍କାରେ ଗତ ରାତିରେ ଏକ ଜନଗହଳୀପୂର୍ଣ୍ଣ ବ୍ରିଜ୍ ଭୁଶୁଡ଼ି ପଡ଼ିଛି । ବ୍ରିଜ୍ର କିଛି ଅଂଶରେ ଜାହାଜଟି ପିଟି ହେବାରୁ ଏହା ସଂପୂର୍ଣ୍ଣରୂପେ ଭାଙ୍ଗି ଯିବା ସହ ପାଣିରେ ଖସି ପଡ଼ିଛି । ଏହି ଦୁର୍ଘଟଣାରେ ନିଖୋଜ ଥିବା ୬ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ମୃତଦେହ ଉଦ୍ଧାର କଲା ପୁଲିସ । ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।

ମାତ୍ର ଜାହଜର କ୍ରୁ ମେମ୍ବରଙ୍କ ଯୋଗୁ ଆହୁରି ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଲା ବୋଲି ସ୍ଥାନୀୟ ଗଭର୍ନର କହିଛନ୍ତି । ତେଣୁ ଜାହଜର ସମସ୍ତ କ୍ରୁ ମେମ୍ବରଙ୍କୁ ସେ ହିରୋ ଆଖ୍ୟା ଦେଇଛନ୍ତି ।ପ୍ରାୟ ୩୦୦ ମିଟର ଲମ୍ବର ଏହି କାର୍ଗୋ ସିପ୍ ଶ୍ରୀଲଙ୍କାର କଲମ୍ବୋ ଆସୁଥିଲା । ପ୍ରାୟ ୩୦୦ ମିଟର ଲମ୍ବ ବିଶିଷ୍ଟ ଏହି କାର୍ଗୋ ସିପ୍ରେ ସିଙ୍ଗାପୁର ପତାକା ଲାଗିଥିଲା । 'ଡଲି' ନାମକ ଏହି ଜାହାଜଟି ଶ୍ରୀଲଙ୍କାର ରାଜଧାନୀ କଲମ୍ବୋକୁ ଯାଉଥିଲା । ପାଲପସ୍କୋ ନଦୀରେ ଯାଉଥିବା ବେଳେ ବନ୍ଦର ଛାଡ଼ିବାର ମାତ୍ର ୩୦ ମିନିଟ ଭିତରେ ଦୁର୍ଘଟଣା ହୋଇଥିଲା । ଦୁର୍ଘଟଣାଗ୍ରସ୍ତ କାର୍ଗୋ ଜାହାଜର ସମସ୍ତ ୨୨ କର୍ମଚାରୀ ହେଉଛନ୍ତି ଭାରତୀୟ । ସମସ୍ତେ ସୁରକ୍ଷିତ ଥିବା ଜାହାଜ କମ୍ପାନି ପକ୍ଷରୁ କୁହାଯାଇଛି । ଆମେରିକାର ମେରିଲ୍ୟାଣ୍ଡର ଗଭର୍ନର ବେସ ମୁରଙ୍କ କହିବାନୁଯାୟୀ, କ୍ରୁ ମେମ୍ବର ଠିକ୍ ସମୟରେ ଆଲର୍ଟ କଲ୍ (ଝଙଝ) ଦେଇଥିବାରୁ ବହୁ ଲୋକଙ୍କ ଜୀବନ ବଞ୍ଚି ଯାଇଛି । ସିଙ୍ଗାପୁର ପତାକା ଥିବା କଣ୍ଟେନର ଜାହଜ ଘଣ୍ଟାକୁ ୮ କିମି ବେଗରେ ଯାତ୍ରା କରୁଥିଲା । ବ୍ରିଜରେ ଧକ୍କା ହେବାର କିଛି ମିନିଟ୍ ପୂର୍ବରୁ ଜାହଜ ପକ୍ଷରୁ ଆଲର୍ଟ କଲ୍ ଜାରି କରାଯାଇଥିଲା । ଫଳରେ ତୁରନ୍ତ ବ୍ରିଜର ଉଭୟ ପାର୍ଶ୍ୱର ଟ୍ରାଫିକକୁ ବନ୍ଦ କରି ଦିଆଯାଇଥିଲା ବୋଲି ସେ କହିଛନ୍ତି । ଏହି ଜାହଜଟି ମ୍ୟାନେଜମେଣ୍ଟ କମ୍ପାନୀ ସିନର୍ଜୀ ମରିନ ଗ୍ରୁପ ଅଟେ ବୋଲି ଜଣାଯାଇଛି । ଦୁର୍ଘଟଣା ସମୟରେ ବ୍ରିଜ ଉପରେ ଥିବା କିଛି ଗାଡ଼ି ତଳକୁ ଖସି ପଡ଼ିଥିଲା । ଖବର ପାଇ ତୁରନ୍ତ ଉଦ୍ଧାରକାରୀ ଦଳ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ୬ ମୃତଦେହ ସହ ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । ଉଦ୍ଧାର କାର୍ଯ୍ୟ ସରିବା ପର୍ଯ୍ୟନ୍ତ ବାଲଟିମୋର ପୋର୍ଟରେ ସମସ୍ତ ଜାହାଜ ଚଳାଚଳକୁ ବନ୍ଦ ରଖାଯାଇଛି । ଗତକାଲି ବ୍ରିଜରେ ଜାହାଜଟି ଧକ୍କା ହେବା ପରେ ସେଥିରେ ନିଆଁ ଲାଗି ଯାଇଥିଲା । ବ୍ରିଜର ବହୁ ଭଗ୍ନାବଶେଷ ଜାହଜ ଉପରେ ପଡ଼ିଥିବା ବେଳେ ସୌଭାଗ୍ୟବଶଃତ ସମସ୍ତ କ୍ରୁ ମେମ୍ବର ବଞ୍ଚି ଯାଇଥିବା ଜଣାଯାଇଛି । ବ୍ରିଜ୍ ଭୁଶୁଡ଼ିବା ବେଳର ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି । ସାମ୍ନାକୁ ଆସିଥିବା ଦୃଶ୍ୟ ଅନୁଯାୟୀ, ଫ୍ରାନ୍ସିସ ସ୍କଟ ମୁଖ୍ୟ ବ୍ରିଜ୍କୁ ଗୋଟିଏ କଣ୍ଟେନର ଜାହାଜ ଧକ୍କା ଦେଇଥିଲା । ଏହାପରେ ବ୍ରିଜ୍ଟି ସଂପୂର୍ଣ୍ଣ ଭାବେ ପାଲପସ୍କୋ ନଦୀରେ ଭାଙ୍ଗି ଖସି ପଡ଼ିଥିଲା । ବ୍ରିଜ ଭୁଶୁଡ଼ିବା ବେଳେ କିଛି ଗାଡ଼ି ମଧ୍ୟ ଏହା ଉପରେ ଯାଉଥିଲା । ସେଗୁଡ଼ିକ ବ୍ରିଜ ସହ ପାଣିରେ ବୁଡ଼ି ଯାଇଛି । ୨.୬ କିମି ଲମ୍ବ ୪ ଲାଇନ ବିଶିଷ୍ଟ ବ୍ରିଜ୍ଟି ପାଲପସ୍କୋ ନଦୀ ଉପରେ ରହିଥିଲା । ଏହା ୧୯୭୭ରୁ କାର୍ଯ୍ୟକ୍ରମ ହୋଇଥିବା ବେଳେ ପ୍ରତିବର୍ଷ ୧୧ ମିଲିୟନ ଗାଡ଼ି ବ୍ରିଜ ଉପରେ ଚଳାଚଳ କରନ୍ତି । ବାଲିଟମୋରର ଆମେରିକାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ଭାବେ ଏହା ଜଣାଶୁଣା ।

# ନାଗାଲ୍ୟାଣ୍ଡରେ ଏଏଫଏସପିଏ ୬ ମାସ ବୃଦ୍ଧି କଲେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ(ଏନ୍.ଏମ୍.):** ନାଗାଲ୍ୟାଣ୍ଡରେ ବିଭିନ୍ନ ଜିଲ୍ଲାରେ ବଢ଼ିଲା ଏଏଫଏସପିଏ (ଆର୍ମଡ ଫୋର୍ସ ସ୍ପେଶିଆଲ ପାୱାରସ ଆକ୍ଟ ବା ସଶସ୍ତ୍ର ବାହିନୀକୁ ଦିଆଯାଇଥିବା ସ୍ୱତନ୍ତ୍ର କ୍ଷମତା । ଆଉ ୬ ମାସ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର କ୍ଷମତାକୁ ବୃଦ୍ଧି କରିଛନ୍ତି ସରକାର । ସୂଚନା ଅନୁସାରେ, କେନ୍ଦ୍ର ସରକାର ନାଗାଲ୍ୟାଣ୍ଡର ବିଭିନ୍ନ ଜିଲ୍ଲା ପାଇଁ ଏହି ନିୟମକୁ ବୃଦ୍ଧି କରିଛନ୍ତି । ରାଜ୍ୟର ୮ ଜିଲ୍ଲା ଓ ଆଉ ୫ ଜିଲ୍ଲାର ୨୦ଟି ପୁଲିସ ଷ୍ଟେସନ ଅଞ୍ଚଳରେ ଇରଝଚଇ ବୃଦ୍ଧି କରାଯାଇଛି । ଏହିସବୁ ସ୍ଥାନକୁ ଅଶାନ୍ତ ଅଞ୍ଚଳ ଭାବେ ଘୋଷଣା କରି ଇରଝଚଇ ବଢାଇଛନ୍ତି ସରକାର । ଆସନ୍ତା ଏପ୍ରିଲ ୧ ତାରିଖରୁ ସେପ୍ଟେମ୍ବର ୩୦, ୨୦୨୪ ପର୍ଯ୍ୟନ୍ତ ଏହି ନିୟମ ଜାରି ରହିବ । ଗତ ବର୍ଷ ଗୃହ ମନ୍ତ୍ରଣାଳୟ ଅରୁଣାଚଳ ପ୍ରଦେଶ ଏବଂ ନାଗାଲ୍ୟାଣ୍ଡର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଇରଝଚଇକୁ ଅତିରିକ୍ତ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା । ଏହାପରେ ପୁନର୍ବାର ନାଗାଲ୍ୟାଣ୍ଡର କିଛି ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏଏଫଏସପିଏ ବୃଦ୍ଧି କରାଯାଇଛି ।

# ଛତିଶଗଡ଼ରେ ଏନକାଉଣ୍ଟର; ଯବାନଙ୍କ ଗୁଳିରେ ୬ ନକ୍ସଲ ନିହତ



**ବିଜାପୁର(ଏଜେନ୍ସି):** ଦେଶରେ ନକ୍ସଲ ଦମନ ପାଇଁ ସୁରକ୍ଷା ବିଭାଗ ପକ୍ଷରୁ ଅବିରତ ଉଦ୍ୟମ ଜାରି ରହିଛି । ବିଭିନ୍ନ ସ୍ଥାନରେ ନକ୍ସଲଙ୍କ ପ୍ରାଦୁର୍ଭାବ ବଢୁଥିବାବେଳେ ଏହାକୁ ନିପାତ କରିବା ପାଇଁ ଯବାନମାନେ ଲାଗିପଡ଼ିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯବାନଙ୍କ ଗୁଳିରେ ଟଳିପଡିଲେ ୬ ନକ୍ସଲ । ମୃତାହତ ହୋଇଥିବା ୬ ନକ୍ସଲଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ଜଣାଯାଇଛି । ଛତିଶଗଡ଼ ବିଜାପୁର ଜିଲ୍ଲା ଚିପୁରଭାଟି-ପୁସବାକା ନିକଟ ଜଙ୍ଗଲରେ ନକ୍ସଲଙ୍କ ଏନକାଉଣ୍ଟରରେ ୬ ନକ୍ସଲ ଟଳି ପଡ଼ିଛନ୍ତି । ଛତିଶଗଡ଼ରେ ଚିପୁରଭାଟି-ପୁସବାକା ନିକଟ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଦ୍ୱାରା ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଏହି ଅପରେସନରେ ଡିଆରଜି, ସିଆରପିଏଫ ଓ କୋବ୍ରା କମାଣ୍ଡୋ ସାମିଲ ହୋଇଥିଲେ । ସର୍ଚ୍ଚ ଅପରେସନ ବେଳେ ଜଙ୍ଗଲ ମଧ୍ୟରୁ ନକ୍ସଲମାନେ ଫାୟାରିଂ କରିଥିଲେ । ଏହାର ଜବାବରେ ଯବାନମାନେ ପାଲଟା ଗୁଳି ଚାଳନା କରିଥିଲେ । ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ହେବା ପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ । ଏହାପରେ ନକ୍ସଲମାନେ ଜଙ୍ଗଲରେ ଖୋଜାଖୋଜି କରି ୬ ମୃତଦେହ ଉଦ୍ଧାର କରିଛନ୍ତି । ସେଥି ମଧ୍ୟରୁ ଦୁଇଟି ମୃତଦେହ ମହିଳାଙ୍କର ବୋଲି ଜଣାଯାଇଛି । ଏଥିସହ ବହୁ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ବି ଜବତ ହୋଇଛି । ଯବାନଙ୍କ ଗୁଳିରେ ଆହୁରି ବହୁ ନକ୍ସଲ ଆହତ ହୋଇଥିବା ଜଣାଯାଇଛି । ତେବେ ସେମାନେ ଛତ୍ରଭଙ୍ଗ ଦେଇ କେଉଁଆଡ଼େ ଚାଲି ଯାଇଥିବାବେଳେ ସେମାନଙ୍କ ସନ୍ଧାନ ଆରମ୍ଭ କରିଛନ୍ତି ଯବାନ ।

# ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ ; ଚୀନର ୫ ନାଗରିକଙ୍କ ମୃତ୍ୟୁ



**କରାଚି(ଏଜେନ୍ସି):** ପାକିସ୍ତାନର ଖୈବର ପଖତୁନଖ୍ୱା ପ୍ରଦେଶରେ ଆତ୍ମଘାତୀ ବିସ୍ଫୋରଣରେ ଚୀନର ୫ ଜଣ ନାଗରିକଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ସହିତ ଜଣେ ପାକିସ୍ତାନୀ ନାଗରିକଙ୍କ ମୃତ୍ୟୁ ଘଟିଛି । ପ୍ରାଣ ହରାଇଥିବା ଚୀନ ନାଗରିକମାନେ ଇଞ୍ଜିନିୟର ଥିଲେ । ଚୀନର କିଛି ଇଞ୍ଜିନିୟର ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ଇସଲାମବାଦରୁ ଦାସୁ ଅଭିମୁଖେ ଯାଉଥିବା ଏକ କନଭୟ ମଧ୍ୟକୁ ହଠାତ୍ ଏକ ବିସ୍ଫୋରକ ବୋଝେଇ ଗାଡ଼ି ମାଡ଼ି ଆସିଥିଲା ଓ କେହି କିଛି ଭାବିବା ପୂର୍ବରୁ ବିସ୍ଫୋରଣ ଘଟିଥିଲା । ଫଳରେ ଚୀନର ୫ ଜଣ ଇଞ୍ଜିନିୟରଙ୍କ ସହିତ ସେମାନଙ୍କୁ ନେଇ ଯାଉଥିବା ଜଣେ ପାକିସ୍ତାନୀ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ତେବେ ଏହି କନଭୟ ଥିବା ଅନ୍ୟ ସଦସ୍ୟମାନେ ସୁରକ୍ଷିତ ଥିବା ସ୍ଥାନୀୟ ପୁଲିସ ପକ୍ଷରୁ କୁହାଯାଇଛି । ପାକିସ୍ତାନ ରାଷ୍ଟ୍ରପତି ଅସିଫ ଅଲି ଜର୍ଦାରୀ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି । ଏହା ସହିତ ମୃତକଙ୍କ ପରିବାରଙ୍କୁ ସେ ସମବେଦନା ଜଣାଇଛନ୍ତି । ସେ କହିଛନ୍ତି, ପାକିସ୍ତାନ ଓ ଚୀନର ବନ୍ଧୁତ୍ୱକୁ କେହି ଭାଙ୍ଗିପାରିବେ ନାହିଁ । ଦାସୁରେ ଏକ ହାଇଡ୍ରୋପାୱାର ପ୍ରୋଜେକ୍ଟ କାମ ଚାଲିଛି । ସେହି କାମ ନେଇଥିବା ଚାଇନା ଗେଝୁବା ଗ୍ରୁପ କମ୍ପାନୀ (ସିଜିଜିସି)ର ଇଞ୍ଜିନିୟର ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ କନଭୟଟି ଯାଉଥିଲା । ପୂର୍ବରୁ ୨୦୨୧ରେ ମଧ ଏହି କମ୍ପାନୀର ଏକ ବସ୍ ଉପରେ ଆକ୍ରମଣ ହୋଇଥିଲା । ଏଥିରେ ୧୩ ଜଣ ଲୋକଙ୍କ ମୃତ୍ୟୁ ଘଟିଥିଲା । ତା' ମଧ୍ୟରେ ୯ ଜଣ ଚୀନ ନାଗରିକ ଥିଲେ । ସେତେବେଳେ ଏଥିପାଇଁ ପାକିସ୍ତାନ ସରକାରଙ୍କୁ ଲକ୍ଷ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ପଡ଼ିବ ।

# ଆଇନ ଅଦାଲତ

## ମାହାଙ୍ଗା ଡବଲ ମର୍ଡର ମାମଲା

# ପ୍ରତାପଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ,ଅନ୍ତରୀଣ ସୁରକ୍ଷା ବଳବତ୍ତର



**କଟକ(ଏନ୍.ଏମ୍.):** ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କ ସଂପୃକ୍ତି ଅଭିଯୋଗ ମାମଲାରେ ତାଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି । ଏହି ମାମଲାରେ ରଞ୍ଜିତ୍ ବରାଳ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା । ରଞ୍ଜିତ୍ଙ୍କ ଯୁକ୍ତି ଉପରେ ଆଜି ବିଧାୟକ ଶ୍ରୀଜେନାଙ୍କ ତରଫରୁ ଯୁକ୍ତି ଉପସ୍ଥାପନ କରାଯାଇଛି । ହାଇକୋର୍ଟ ମାମଲାର ଶୁଣାଣି କରି କୌଣସି ପକ୍ଷଙ୍କର ଲିଖିତ ଯୁକ୍ତି ଥିଲେ ଉପସ୍ଥାପନ କରିବାକୁ ଆଦେଶ ଦେଇଛନ୍ତି । ହାଇକୋର୍ଟ ଆସନ୍ତା ଏପ୍ରିଲ୍ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ ବୋଲି ଆଦେଶ ଦେଇଛନ୍ତି । ଗତ ୨୦୨୧ ମସିହା ଜାନୁୟାରୀ ୨ ତାରିଖରେ ମାହାଙ୍ଗାରେ ଭାରତୀୟ ଜନତା ପାର୍ଟି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସଂପୃକ୍ତି ଥିବା ନେଇ ଅଭିଯୋଗ କରାଯାଇଥିଲା । ତେବେ ମାହାଙ୍ଗା ପୁଲିସ୍ ଏହି ହତ୍ୟା ଘଟଣାରେ ଅଭିଯୋଗପର୍ତ୍ତରୁ ପ୍ରତାପଙ୍କ ନାମକୁ ବାଦ୍ ଦେଇଥିଲା। ଏହି ମାମଲାରେ ତାଙ୍କୁ ନିମ୍ନ ଅଦାଲତରେ ହଜାର ହେବାକୁ କୁହାଯାଇଥିବାବେଳେ ସେ ନିମ୍ନ ଅଦାଲତ ହାଜର ନହୋଇ ନିଜ ଓକିଲଙ୍କ ମାଧ୍ୟମରେ ହାଜରେ ହେବାକୁ ଅନୁମତି ଲୋଡି ହାଇକୋର୍ଟରେ ଆବେଦନ କରିଥିଲେ। ନିଜର ସ୍ୱାସ୍ଥ୍ୟଗତ କାରଣକୁ ନେଇ ସେ ବ୍ୟକ୍ତିଗତ ଭାବେ ଉପସ୍ଥିତ ହେବାକୁ ଅକ୍ଷମ ଦର୍ଶାଇ ନିମ୍ନ ଅଦାଲତରେ ନିଜ ଓକିଲଙ୍କ ମାଧ୍ୟମରେ କୋର୍ଟରେ ହାଜର ହେବାକୁ ହାଇକୋର୍ଟ ଅନୁମତି ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଥିଲେ ।

# ନାବାଳିକା ଦୁଷ୍କର୍ମୀକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

**ଯାଜପୁର(ଏନ୍.ଏମ୍.):** ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିବା ଘଟଣାରେ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଜରିମାନା ହୋଇଛି । ଜରିମାନା ଅର୍ଥ ଅନାଦାୟ ହେଲେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଯାଜପୁର ଆଡହକ ଏଡିଜେ ପୋକ୍ସୋ ଜଜ(୨) ବିଜୟ କୁମାର ଜେନା ରାୟରେ ଉଲ୍ଲେଖ କରିଛନ୍ତି ।

ଯାଜପୁର ଥାନା ଅଞ୍ଚଳର ଏକ ମହିଳା ମହାବିଦ୍ୟାଳୟରେ ଯୁକ୍ତ୨ ପାଠ ପଢୁଥିବା ବିଂଝାରପୁର ଅଞ୍ଚଳର ଜନୈକା ଛାତ୍ରୀଙ୍କୁ ୨୦୧୯ ଅକ୍ଟୋବର ୧୮ ତାରିଖ ଦିନ ବିଂଝାରପୁର ଇଂଜନପୁରର ଶ୍ୟାମ ସୁନ୍ଦର ବାରିକ ବଳପୂର୍ବକ ଅପହରଣ କରିନେଇଥିଲା । ପ୍ରଥମେ ଯାଜପୁରରୋଡ ପରେ କଟକ ଓ ଶେଷରେ ବେଙ୍ଗାଲୁରୁକୁ ପଳାଇଥିଲା । ସେଠାରେ ପ୍ରାୟ ୨ ମାସ ରହିବା ପରେ ୨୦୧୯ ଡିସେମ୍ବର ୨୦ ତାରିଖ ଘରକୁ ଫେରୁଥିବାବେଳେ ପୁଲିସ ଯାଜପୁରରୋଡ ରେଳଷ୍ଟେସନ ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା । ଅଭିଯୁକ୍ତ ମଧ ଗିରଫ ହୋଇଥିଲା । ଉଦ୍ଧାର ହୋଇଥିବା ନାବାଳିକାର ବୟାନକୁ ଭିତ୍ତିକରି ଅଭିଯୁକ୍ତକୁ ପୋକ୍ସୋ ଆଇନର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରି (କେସ ନଂ ୩୧୧/୨୦୧୯) ଯାଜପୁର ପୁଲିସ କୋର୍ଟଚାଲାଣ କରିଥିଲା । ଏହି ମାମଲାରେ ମୋଟ ୧୧ ଜଣଙ୍କ ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ଆଜି ବିଚାରପତି ବିଜୟ କୁମାର ଜେନା ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରିଥିଲେ ।

# ଶପଥ ନେଲେ ୫୫ ନୂତନ ସିଭିଲ ଜଜ୍ 'ବିଚାର ବ୍ୟବସ୍ଥାର ନୈତିକତାକୁ ବଜାୟ ରଖିବା ଉଚିତ'-ମୁଖ୍ୟ ବିଚାରପତି

**କଟକ(ଏନ୍.ଏମ୍.):** ଓଡ଼ିଶା ଜୁଡିସିଅଲ ଏକାଡେମୀ ପରିସରସ୍ଥ ଗତିକୃଷ୍ଣ ମିଶ୍ର ଅଡିଟୋରିୟମଠାରେ ୨୦୨୨ ବ୍ୟାଚ୍ରେ ନିଯୁକ୍ତି ପାଇଥିବା ୫୫ ଜଣ ନୂତନ ସିଭିଲ୍ ଜଜ(ଜୁନିୟର ଡିଭିଜନ)ଙ୍କ ଶପଥ ଗ୍ରହଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜୁଡିସିଆଲ ଏକାଡେମୀର ପାଟ୍ରୋନ୍-ଇନ୍-ଚିଫ୍ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଯୋଗଦେଇ ନୂତନ ଜଜ୍ମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ମୁଖ୍ୟ ବିଚାରପତି କହିଥିଲେ ଯେ ବିଚାରପତି ହେବା ସାଧାରଣ କାମ ନୁହେଁ, ଶିକ୍ଷାଗ୍ରହଣର ଏହା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା । କୋର୍ଟର ବିଚାର କାର୍ଯ୍ୟରେ ଥିବା ବେଳେ ବ୍ୟକ୍ତିଗତ ଜୀବନ ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ । ଜଣେ ବିଚାରପତି ହେବା ପାଇଁ ଶାରୀରିକ, ମାନସିକ ଓ ଭାବନାତ୍ମକ ସୁସ୍ଥତା ରହିବା ଦରକାର । ବିଚାର ବ୍ୟବସ୍ଥାର ନୈତିକତାକୁ ବଜାୟ ରଖିବା ଉଚିତ ବୋଲି ମୁଖ୍ୟ ବିଚାରପତି କହିଛନ୍ତି । ଜୁଡିସିଆଲ ଏକାଡେମୀ ସଦସ୍ୟ ତଥା ହାଇକୋର୍ଟର ବିଚାରପତି କୃଷ୍ଣ ରାମ ମହାପାତ୍ର ଜୁଡିସିଆଲ ଏକାଡେମୀରେ ତାଲିମ ଗ୍ରହଣ ଉପରେ ଗୁରୁତ୍ୱାରୋପ କରି ଏହାକୁ ଗୁରୁକୁଳ ଭାବେ ଅଭିହିତ କରିଥିଲେ । ନୂତନ ବିଚାରପତିମାନଙ୍କ କ୍ୟାରିୟର ଗଠନ ଦିଗରେ ଜୁଡିସିଆଲ ଏକାଡେମୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ସେ କହିଥିଲେ । ଜୁଡିସିଆଲ ଏକାଡେମୀର ସଦସ୍ୟ ତଥା ହାଇକୋର୍ଟର ବିଚାରପତି ସଂଜୀବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇ ନୂତନ ବିଚାରପତିମାନଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ଏକାଡେମୀର ନିର୍ଦ୍ଦେଶକ ବିଦ୍ୟୁତ୍ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ । ଏଥିରେ ହାଇକୋର୍ଟର ବିଚାରପତିଗଣ, ହାଇକୋର୍ଟ ରେଜିଷ୍ଟ୍ରିର ଅଧିକାରୀଗଣଙ୍କ ସମେତ ଅତିଥି ଓ ନୂତନ ସିଭିଲ୍ ଜଜ୍ମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ । ଅତିରିକ୍ତ ନିର୍ଦ୍ଦେଶକ ବଦ୍ରିନାରାୟଣ ନନ୍ଦ, ଉପନିର୍ଦ୍ଦେଶକ ସ୍ୱପ୍ନା ସାଗରିକା ମିଶ୍ର, ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏନଡିପିଏସ୍ ମାମଲାର ବିଚାର ଦୌରା ଜଜ୍ ବା ଅତିରିକ୍ତ ଦୌରା ଜଜ୍ କରିବେ-ହାଇକୋର୍ଟ

**କଟକ(ଏନ୍.ଏମ୍.):** ଏନଡିପିଏସ୍ ଆଇନରେ ରୁଜୁ ମାମଲାର ବିଚାର କେବଳ ଦୌରା ଜଜ୍ ବା ଅତିରିକ୍ତ ଦୌରାଜଜ୍ କରିପାରିବେ । ଏଭଳି ମାମଲାର ବିଚାର ସହକାରୀ ଦୌରା ଜଜ ଅଦାଲତଙ୍କ କ୍ଷମତା ପରିସରଭୁକ୍ତ ନୁହେଁ । ହାଇକୋର୍ଟ ଏଭଳି ରାୟ ଦେବା ସହିତ ଜଣେ ବ୍ୟକ୍ତିଙ୍କୁ ଏନଡିପିଏସ୍ ଆଇନର ଧାରା ୨୦(ବି)(୧)ରେ ଦୋଷୀ ସାବ୍ୟସ୍ତ କରି ଜୟପୁର ସହକାରୀ ଦୌରା ଜଜ ଅଦାଲତ ୧୯୯୧, ଏପ୍ରିଲ ୧୦ରେ ପ୍ରଦାନ କରିଥିବା ଦଣ୍ଡାଦେଶକୁ ଅସିଦ୍ଧ ଘୋଷଣା କରିଛନ୍ତି । ଏହି ମାମଲାରେ ବେଆଇନ ଗଞ୍ଜେଇ ଚାଲାଣ ଘଟଣା ୧୯୯୦ ନଭେମ୍ବର ୨୦ର ହୋଇଥିବା ବେଳେ ଟ୍ରାଏଲ ୧୯୯୧ ଏପ୍ରିଲ ୧୦ତାରିଖରେ ସଂପୂର୍ଣ୍ଣ ହୋଇଥିଲା । ଏହା ଭିତରେ ୩୩ ବର୍ଷ ୩ ମାସ ଅତିବାହିତ ହୋଇ ସାରିଥିଲା ବେଳେ ମାମଲାର ପୁନଃ ଟ୍ରାଏଲ ପାଇଁ ନିର୍ଦ୍ଦେଶ ଦେବା ଉଚିତ ହେବ ନାହିଁ ବୋଲି ରାୟରେ ଉଲ୍ଲେଖ କରାଯାଇଛି । ଏଥିସହିତ ଆବେଦନକାରୀଙ୍କୁ ଏହି ମାମଲାରୁ ହାଇକୋର୍ଟ ଦୋଷମୁକ୍ତ କରିଛନ୍ତି । ବିଚାରପତି ଦେବବ୍ରତ ଦାଶ ଓ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବାଲ୍ମିକି ରାଉତଙ୍କ ଆବେଦନର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୧୯୯୧ ଏପ୍ରିଲ ୧୦ତାରିଖରେ ସହକାରୀ ଦୌରା ଜଜ ଅଦାଲତ ମାମଲାର ରାୟ ପ୍ରକାଶ କରି ଆବେଦନକାରୀଙ୍କୁ ଏନଡିପିଏସ ଆଇନର ଧାରା ୨୦(ବି)(୧)ରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା କରିଥିଲେ । ଏହି ରାୟକୁ ବିରୋଧ କରି ୧୯୯୧ରେ ଆବେଦନକାରୀ ହାଇକୋର୍ଟରେ ଅପିଲ ଦାୟର କରିଥିଲେ ।

# ଆଇନଜୀବୀ ସଂଘର ନିର୍ବାଚନ ଅଧିକାରୀଙ୍କୁ ନୋଟିସ ଭୁବନ ଆଇନଜୀବୀ ସଂଘ ନିର୍ବାଚନ ସ୍ଥଗିତ



**କଟକ(ଏନ୍.ଏମ୍.):** ଭୁବନ ଆଇନ୍ଜୀବୀ ସଂଘର ନିର୍ବାଚନ ଅଧିକାରୀ ଆଇନ୍ଜୀବୀ କୋଦଣ୍ଡଧର ନାୟକଙ୍କ ମନମୁଖୀ କାର୍ଯ୍ୟ ଓ ନିର୍ବାଚନ ନିୟମ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟ ଆଇନ୍ଜୀବୀ ପରିଷଦ ପକ୍ଷରୁ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏଥିସହ ଭୁବନ ଆଇନ୍ଜୀବୀ ସଂଘର ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ରାଜ୍ୟ ଆଇନ୍ଜୀବୀ ପରିଷଦ ଦ୍ୱାରା ପ୍ରେସ୍ ଇସ୍ତାହାରରେ ଆଜି ସୂଚନା ଦିଅ ।ଯାଇଛି । ସୂଚନା ଅନୁସାରେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ଆଇନ୍ଜୀବୀ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଅନୁବନ୍ଧିତ ଆଇନଜୀବୀ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଆସୁଛି । ଚଳିତ ବର୍ଷ ମାର୍ଚ୍ଚ ୩୦ ତାରିଖ ଶେଷ ଶନିବାରରେ ସମସ୍ତ ଅନୁବନ୍ଧିତ ସଂଘର ନିର୍ବାଚନ କରାଯିବା ନିମନ୍ତେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ତେବେ ଭୁବନ ଆଇନଜୀବୀ ସଂଘର ବାବୁଲି ସେଠୀ ଓ ପ୍ରହ୍ଲାଦ ସାହୁ ରାଜ୍ୟ ଆଇନଜୀବୀ ପରିଷଦକୁ ଜଣାଇଥିଲେ ଯେ ଭୁବନ ଆଇନଜୀବୀ ସଂଘର ନିର୍ବାଚନ ଅଧିକାରୀ କୋଦଣ୍ଡଧର ନାୟକ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅନୁବନ୍ଧିତ ଆଇନଜୀବୀ ସଂଘ ନିୟମାବଳୀର ଧାରା ୧୦୯ର ଉଲ୍ଲଂଘନ କରି ବେଆଇନ ଭାବେ ସେମାନଙ୍କ ପ୍ରାର୍ଥୀପତ୍ରକୁ ନାକଚ କରିଦେଇଛନ୍ତି । ଉକ୍ତ ଅଭିଯୋଗ ଆଧାରରେ ପରିଷଦର ଅଧକ୍ଷ ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କୁ ଉପରୋକ୍ତ ଦୁଇ ଆଇନଜୀବୀଙ୍କ ପ୍ରାର୍ଥୀପତ୍ର ନାକଚ ଆଦେଶ ପ୍ରତ୍ୟାହାର କରି ନାମାଙ୍କନ କାଏମ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ସଂପୃକ୍ତ ନିର୍ବାଚନ ଅଧିକାରୀ ଉକ୍ତ ନିର୍ଦ୍ଦେଶନାମାର ଅବମାନନା କରିବା ସହ ନିର୍ଦ୍ଦେଶନାମା ପ୍ରାପ୍ତିକୁ ଅସ୍ୱୀକାର କରିଥିଲେ । ଏନେଇ ଅଭିଯୋଗ ହେବାପରେ ଫଳରେ ନିର୍ବାଚନ ଅଧିକାରୀଙ୍କୁ ୨୭ ତାରିଖ ଅପରାହ୍ନରେ ପରିଷଦର କେନ୍ଦ୍ରୀୟ ନିର୍ବାଚନ କମିଟି ସଦସ୍ୟଙ୍କ ନିକଟରେ ହାଜର ହେବାକୁ ନୋଟିସ କରାଯାଇଥିଲା ବେଳେ ସେ ହାଜର ହୋଇନଥିଲେ । ଫଳରେ ଭୁବନ ଆଇନଜୀବୀ ସଂଘର ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯିବା ସହ ନିର୍ବାଚନ ଅଧିକାରୀ କୋଦଣ୍ଡଧର ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ।




## ‘ସ୍ୱାଧୀନ ଭାବେ ଲଢ଼ିବି, ଜିତିଲେ ବିଜେପିରେ ଯୋଗଦେବି’ : ମହାମେଘ ବାହନ



**ବାଲେଶ୍ୱର(ଏନ୍.ଏମ୍.) :** ବିଜେପି ପକ୍ଷରୁ ଓଡ଼ିଶା ରାଜ୍ୟ ପାଇଁ ବିଭିନ୍ନ ଆସନରୁ ପ୍ରାର୍ଥୀତ୍ୱ ନାମ ଘୋଷଣା କରାଯିବା ପରେ କିଛି ଆଗଧାଡ଼ିର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବାରିହୋଇ ପଡୁଛି । ବିଜେପି ପକ୍ଷରୁ ଲୋକସଭା ନିର୍ବାଚନ ନିମନ୍ତେ ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥ ତାଲିକା ଘୋଷଣା କରାଯାଇଥିବା ବେଳେ ସେଥିରେ ଓଡ଼ିଶାର ୧୮ ଜଣଙ୍କ ନାଁ ସାମିଲ ହୋଇଛି । ଏଥର ସମ୍ବଲପୁରରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରାପଡ଼ାରୁ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱରରୁ ଅପରାଜିତା ଷଡଙ୍ଗୀ, ପୁରୀରୁ ସମ୍ବିତ ପାତ୍ର, ବାଲେଶ୍ୱରରୁ ପ୍ରତାପ ଷଡଙ୍ଗୀ ପ୍ରାର୍ଥୀ ହୋଇଛନ୍ତି । ତେବେ ବାଲେଶ୍ୱରରୁ ମହାମେଘ ବାହନ ଐର ଖାରବେଳ ସ୍ୱାଇଁ ଆଶାୟୀ ଥିବାବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ଟିକେଟ ମିଳିବା ଘଟଣାକୁ ସେ ସହଜେ ଗ୍ରହଣ କରି ପାରି ନାହାନ୍ତି । ଏନେଇ ପ୍ରତିକ୍ରିୟା ରଖି ଶ୍ରୀ ସ୍ୱାଇଁ କହିଛନ୍ତି, ସ୍ୱାଧୀନ ପ୍ରାର୍ଥୀ ଭାବେ ବାଲେଶ୍ୱରରୁ ଲଢ଼ିବି । ବର୍ତ୍ତମାନର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କୁ ପୁଣି ବିଜେପି ଟିକେଟ ମିଳିବା ପରେ ଆଜି ପ୍ରେସମିଟ୍ କରି ଏହି ସୂଚନା ଦେଇଛନ୍ତି ପୂର୍ବତନ ସାଂସଦ ଶ୍ରୀ ସ୍ୱାଇଁ । ସେ ଆହୁରି ମଧ୍ୟ କହିଛନ୍ତି, ସେ ସ୍ୱାଧୀନ ଭାବେ ଲଢ଼ିବେ ଓ ଜିତିଲେ ବିଜେପିରେ ଯୋଗ ଦେବେ । ଗତଥର କନ୍ଧମାଳରୁ ଲଢ଼ିଥିଲେ, ହେଲେ ଏଥର ବାଲେଶ୍ୱରରୁ ଲଢ଼ିବାକୁ ବିଜେପି ନେତୃବୃନ୍ଦଙ୍କୁ କହିଥିଲେ ବି ତାଙ୍କୁ ଟିକଟ୍ ମିଳିନଥିବାରୁ ସେ ସ୍ୱାଧୀନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି । ହେଲେ ବିଜେପି ଛାଡ଼ିବେନି ବୋଲି ସେ ସ୍ପଷ୍ଟ କରିଛନ୍ତି । ସେପଟେ ଖାରବେଳଙ୍କ ନିଷ୍ପତ୍ତି ସମ୍ପର୍କରେ ବିଜେପିର ପ୍ରତିକ୍ରିୟା ମିଳିନାହିଁ । ଏଥିସହ କଳାହାଣ୍ଡିରୁ ସାଂସଦ ଟିକେଟ ନମିଳିବା ପରେ ବସନ୍ତ ପଣ୍ଡା ମଧ୍ୟ ନିଜ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଦଳର ନିଷ୍ପତ୍ତିକୁ ସ୍ୱାଗତ କରୁଛି । ମୁଁ ବିଜେପିର ଜଣେ କର୍ମୀ, ସବୁ ବେଳେ କର୍ମୀ ହୋଇ ରହିବି । ପାର୍ଟି ଯେତେବେଳେ ଯାହା ଦାୟିତ୍ୱ ଦେଇଛି, ନିଷ୍ଠାର ସହ ନିର୍ବାହ କରିଛି । ପରିବର୍ତ୍ତନ ସଂସାରର ନିୟମ, ସେ ନିୟମରେ ଆମେ ସମସ୍ତେ ବନ୍ଧା । ସେହିପରି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଓଡ଼ିଶାରେ ଅଣ୍ଡର କରେଣ୍ଟ ଚାଲିଛି । ୧୫ରୁ ଊର୍ଦ୍ଧ୍ୱ ଲୋକସଭା ସିଟ୍ ଜିତିବୁ । ଏଥର ନିଶ୍ଚିତ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେବ । ବିଜେପିର କେନ୍ଦ୍ରୀୟ ନେତୃତ୍ୱ ପ୍ରାର୍ଥୀତ୍ୱ ଦେଇଥିବାରୁ ମୋଦି, ଶାହ, ନଡ୍ଡା, ମନମୋହନଙ୍କୁ ଧନ୍ୟବାଦ ଜଣାଉଛି । ସମସ୍ତଙ୍କର ଆସ୍ଥା ରହିଲା, ୫ ବର୍ଷର କାମ ସେମାନଙ୍କୁ ଭଲ ଲାଗିଲା । ଏ ଟିକେଟ ମୋର ନୁହେଁ, ଭୁବନେଶ୍ୱରବାସୀଙ୍କର, ସେମାନେ ଲଢ଼ିବେ । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଓଡ଼ିଶା ଲୋକେ ବହୁତ ଭଲ ପାଆନ୍ତି । ମୁଖ୍ୟମନ୍ତ୍ରୀଙ୍କର ନାଁ ନେଉଛନ୍ତି, କିନ୍ତୁ ଶାସନ ଆଉ ଜଣେ କରୁଛନ୍ତି । ୨୫ ବର୍ଷ ବହୁତ ହେଲାଣି, ମୁଖ୍ୟମନ୍ତ୍ରୀ ଆଗକୁ ଆସୁଥିଲେ ଏପରି ହୁଅନ୍ତା ନାହିଁ ବୋଲି ସେ ବିଜେଡିକୁ ଟାର୍ଗେଟ କରି କହିଛନ୍ତି ।

## ବିଜେଡିରେ ମିଶିଲେ ସୁର ରାଉତରାୟଙ୍କ ପୁଅ ମନ୍ମଥ



**ଭୁବନେଶ୍ୱର(ଏନ୍.ଏମ୍.) :** ବହୁ କଳ୍ପନା ଜଳ୍ପନା ତଥା ଚାଲିଥିବା ଚର୍ଚ୍ଚାରେ ଏବେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ବିଜେଡିରେ ମିଶିଛନ୍ତି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟଙ୍କ ସାନ ପୁଅ ମନ୍ମଥ ରାଉତରାୟ । ଆଜି ଶଙ୍ଖ ଭବନରେ ମିଶ୍ରଣ ପର୍ବରେ ବିଧିବଦ୍ଧ ଭାବେ ସେ ବିଜେଡିରେ ଯୋଗ ଦେଇଛନ୍ତି । ବିଜେଡିରେ ମିଶିବା ପୂର୍ବରୁ ମନ୍ମଥ ଭୁବନେଶ୍ୱର ମାଉସୀମା ମନ୍ଦିର ଛକରୁ ନିଜ କର୍ମୀମାନଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା କରି ଶଙ୍ଖ ଭବନ ଅଭିମୁଖେ ଆସିଥିଲେ । ସୁର ନିଜ ପୁଅର ଏହି ବିରାଟ ଶୋଭାଯାତ୍ରାରେ ସାମିଲ ହୋଇ ନଥିଲେ । ହେଲେ ସେ ନିଜ ପୁଅ ମନ୍ମଥଙ୍କୁ ଜିତାଇବାକୁ ନିଜର କର୍ମୀମାନଙ୍କୁ ଆହ୍ୱାନ କରିଥିଲେ । ସେ କହିଥିଲେ, ମନ୍ମଥ ଯେଉଁ ଦଳକୁ ଯାଉନା କାହିଁକି ସେ ମୋ ପୁଅ । ତାକୁ ଆମେ ଜିତାଇବା । ଅନ୍ୟପକ୍ଷରେ ସୁରଙ୍କ ଆର୍ଶୀବାଦ ନେଇ ବିଜେଡିରେ ସାମିଲ ହୋଇଥିବା ମନ୍ମଥ କହିଥିଲେ, ମୋ ବାପା ସୁର ରାଉତରାୟ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ପ୍ରେରଣାରେ ଆଗକୁ ବଢ଼ିବି । ବିଜେଡିରେ ମିଶିବା ତାଙ୍କର ଏକା ନିଷ୍ପତ୍ତି ନୁହେଁ । ଏହା ତାଙ୍କ ପରିବାରର ନିଷ୍ପତ୍ତି ବୋଲି ମନ୍ମଥ କହିଥିଲେ । ସୂଚନାଯୋଗ୍ୟ, କିଛି ଦିନ ପୂର୍ବରୁ ମନ୍ମଥ କ୍ୟାପଟେନ ଚାକିରି ଛାଡ଼ି ଭୁବନେଶ୍ୱରରେ ପହଞ୍ଚିଥିଲେ । ସେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସୁର ଶହ ଶହ ସମର୍ଥକଙ୍କୁ ନେଇ ସେଠାରେ ପହଞ୍ଚି ପୁଅକୁ ଭବ୍ୟ ସ୍ୱାଗତ କରି ପାଛୋଟି ଆଣିଥିଲେ । ପରେ ସୁର ମନ୍ମଥଙ୍କୁ ଉତ୍ତରାଧିକାରୀ ଭାବେ ଘୋଷଣା କରିଥିଲେ । ଏହାସହ ଜଟଣୀରୁ ବିଧାୟକ ପ୍ରାର୍ଥୀ ମନ୍ମଥ ରାଉତରାୟ ହେବେ ବୋଲି ସେ ଗଣମାଧ୍ୟମ ଆଗରେ ସ୍ପଷ୍ଟ କରିଥିଲେ ।

## ସାନମାଣିତିଆରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନମାଣିତିଆରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ମୂରତି ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀକ୍ଷେତ୍ର ପୁରୀର ପଣ୍ଡିତ ପଦ୍ମନାଭ ତ୍ରିପାଠୀଶର୍ମା, ପଣ୍ଡିତ ଭୁବନେଶ୍ୱର ତ୍ରିପାଠୀଶର୍ମା, ମୁକ୍ତିମଣ୍ଡପର ପଣ୍ଡିତ ମହେନ୍ଦ୍ରନାଥ ଷଡଙ୍ଗୀ ଓ ପଣ୍ଡିତ ହେମନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଶନିବାର ଯଜ୍ଞାଧିବାସ, ମଣ୍ଡଳକରଣ, ଅଙ୍କୁରାରୋପଣ, ଦେବତା ଗର୍ଭାଧାନ କାର୍ଯ୍ୟକ୍ରମ ଶେଷ କରିଥିବା ବେଳେ ଆଜି ପ୍ରାତଃ ୮ଟାରେ ପ□କର୍ମ, ସୂର୍ଯ୍ୟପୂଜା, ଗୋପୂଜା, ଶାଳାପ୍ରବେଶ, ଦେବତା ଆବାହନ, ଅଗ୍ନିସ୍ଥାପନ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯାଇଛି । ସୋମବାର ଦେବତା ମହାସ୍ନାନ ଓ ଅଷ୍ଟପ୍ରହର ଅଧିବାସ, ଶୟନ, ହବନ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ପରେ ମଙ୍ଗଳବାର ନାମଯଜ୍ଞ, ଦେବତା ମହାନ୍ୟାସ, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ କରାଯିବ । ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳାସର୍ବଦେବତା ପୂଜା, ସର୍ବଦେବତା ହବନ, ବିଜେ ବିଗ୍ରହଙ୍କ ନଗର ପରିକ୍ରମା, ଅପରାହ୍ନ ୩ଟା ୪୫ମିନିଟରେ ଦେବତା ମନ୍ଦିର ପ୍ରବେଶ, ସନ୍ଧ୍ୟାରେ ପୂର୍ଣ୍ଣାହୁତି, ଆଳତୀ ଓ ପୁଷ୍ପାଞ୍ଜଳୀ ପ୍ରଦାନ ପୂର୍ବକ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ କରାଯିବ ବୋଲି ସାନମାଣିତିଆ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ବନ୍ଧୁକ ଦେଖାଇ ଦେଢ଼ ଲକ୍ଷ ଲୁଟ୍

**ରିଆମାଳ(ଏନ୍.ଏମ୍.) :** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଲା ଥାନା ରାଞ୍ଚି –ବିଜୟୱାଡ଼ା ରାସ୍ତା ପଲସମା କଲେଜ ନିକଟରେ ଗତକାଲି ସନ୍ଧ୍ୟାରେ ବନ୍ଧୁକ ଦେଖାଇ ଦୁଇ ଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ, ଅନୁଗୁଳ ଜିଲ୍ଲା ଜରପଡ଼ା ସ୍ଥିତ ଏକ ଇଟା ଫେକ୍ଟ୍ରିରେ ରିଆମାଳ ଥାନା ଟିଙ୍କବୀର ସାତକିଆରୀ ଗ୍ରାମର ଶ୍ରମିକ କାମ କରୁଥିଲେ । ତେବେ ସେମାନଙ୍କ ମଞ୍ଜୁରି ଟଙ୍କା ଦେବାକୁ ୧ ଲକ୍ଷ ୫୦ ହଜାର ଟଙ୍କା ନେଇ ରିଆମାଳ ଥାନା ଗୁଣ୍ଡିଆପାଲି ପଞ୍ଚାୟତ ଅନ୍ତର୍ଗତ ପାଇକନଗର ଗ୍ରାମର କେଶବ ଘୋଡ଼େଇ ଓ ସାତକିଆରୀ ଗ୍ରାମର ଦୟାଲ ସିଂ ଭଦ୍ରା ବାଇକ୍ ଯୋଗେ ଆସୁଥିଲେ । ଏହି ସମୟରେ ପଲସମା କଲେଜ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ବନ୍ଧୁକ ଦେଖାଇ ସେମାନଙ୍କଠାରୁ ସମସ୍ତ ଟଙ୍କା ଲୁଟ୍ କରି ଫେରାର୍ ମାରିଥିଲେ ।

## ପ୍ରାର୍ଥୀତ୍ୱ ଘୋଷଣା ପରେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କୁ ଦର୍ଶନ କଲେ ଧର୍ମେନ୍ଦ୍ର ଓ ସମ୍ବିତ



**ପୁରୀ(ଏନ୍.ଏମ୍.) :** ଆସନ୍ତା ସାଧାରଣ ନିର୍ବାଚନ ଯେତିକି ପାଖେଇ ପାଖେଇ ଆସୁଛି ନେତାମାନଙ୍କ ଜନସାଧାରଣଙ୍କ ହୃଦୟ ଜିତିବା ପାଇଁ ଉଦ୍ୟମ ସେତିକି ସେତିକି ବଢ଼ିବାରେ ଲାଗିଛି । କେବଳ ଜନସାଧାରଣଙ୍କ ହୃଦୟ ଜିତିବା ନୁହେଁ ବିଭିନ୍ନ ଦେବଦେବୀଙ୍କ ଆର୍ଶିବାଦ ନେବାକୁ ମଧ୍ୟ ଲମ୍ବା ଲାଇନ ଲାଗିଛି । କିଏ ମନ୍ଦିରରେ ପହଞ୍ଚି ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଉଛି ତ ଆଉ କିଏ ଦେବଦେବୀଙ୍କ ଦର୍ଶନ କରି ନିଜର ବିଜୟ ପାଇଁ କାମନା କରୁଥିବା ଦେଖିବାକୁ ମିଳିଛି । ତେବେ ପୁରୀରେ ମଧ୍ୟ ହେଭିଓ୍ୱେଟ ଦଳୀୟ ପ୍ରାର୍ଥୀଙ୍କୁ ଶ୍ରୀମନ୍ଦିରରେ ପହଞ୍ଚି ପ୍ରଭୁ ଜଗତନାଥଙ୍କ ଆର୍ଶିବାଦ କାମନା କରିଛନ୍ତି । ଲୋକସଭା ନିର୍ବାଚନ ପ୍ରାର୍ଥୀ ଘୋଷଣା ହେବା ପରେ ନେତାମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ସପରିବାର ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିଭଳି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ମଧ୍ୟ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଶ୍ରୀଜିଉଙ୍କ ଦର୍ଶନ କରିବା ପରେ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ମୋର ପରମ ସୌଭାଗ୍ୟ, ଆଜି ଦୋଳ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦର୍ଶନ ପାଇଲି । ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଗୁଲ ବାଜି ସାରିଛି । ମୋଦିଙ୍କ ଦୃଷ୍ଟି, ସଂକଳ୍ପ ଓ ଯୋଜନାକୁ ନେଇ ଆଗକୁ ବଢିବୁ । ଆଗାମୀ ୨୫ ବର୍ଷର ସ୍ୱପ୍ନକୁ ନେଇ ଘରକୁ ଘର ବୁଲିବୁ । ଓଡ଼ିଶାରେ ଏଥର ପରିବର୍ତ୍ତନ ନିଶ୍ଚିତ ହେବ । ମହାପ୍ରଭୁ ବି ନବକଳେବର ହୋଇ ପରିବର୍ତ୍ତନ ସ୍ୱୀକାର କରନ୍ତି । ଗୁଣ୍ଡୁଚି ମୂଷା ଭଳି ସମ୍ବଲପୁର ବିକାଶ ପାଇଁ କାମ କରିବି । ଏଥର ଡବଲ ଇଞ୍ଜିନ ସରକାର ହେବ । ଏଥର ସମ୍ବଲପୁରବାସୀ ତାଙ୍କୁ ଆଶୀର୍ବାଦ କରିବେ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି । ସେହିଭଳି ସମ୍ବିତ ପାତ୍ର କହିଛନ୍ତି, ଗତ ଥର ଅଳ୍ପ ବ୍ୟବଧାନରେ ରହିଯାଇଥିଲା । ମହାପ୍ରଭୁ କହିଥିଲେ, ଅଧିକ ତପସ୍ୟା କରିବାକୁ ପଡ଼ିବ । ତାଙ୍କର ଆଜ୍ଞା ପାଳନ କରି ମୁଁ ୫ ବର୍ଷ ଲୋକଙ୍କ ସହିତ ରହିଛି । ଜନ ପ୍ରତିନିଧି ପାଇଁ ଏହା ହିଁ ତପସ୍ୟା । ଏବେ ମହାପ୍ରଭୁ ଯାହା ଦେବେ, ତାକୁ ସ୍ୱୀକାର କରିବି ।

## କେନ୍ଦ୍ରାପଡା କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘ ତରଫରୁ ଡାକ୍ତର ଦାମୋଦର ରାଉତଙ୍କ ସ୍ମୃତିସଭା

**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** କେନ୍ଦ୍ରାପଡା ସହରର ନୂଆ ବସଷ୍ଟାଣ୍ଡସ୍ଥିତ ହୋଟେଲ ରିଭରଭ୍ୟୁ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡା କ୍ଷତ୍ରୀୟ ଖଣ୍ଡାୟତ ମହାସଙ୍ଘ ତରଫରୁ ପୂର୍ବତନ ମନ୍ତ୍ରୀ ତଥା ଅଭିଜ୍ଞ ଓ ସ୍ପଷ୍ଟବାଦୀ ରାଜନେତା ଡାକ୍ତର ଦାମୋଦର ରାଉତଙ୍କ ବିୟୋଗରେ ସ୍ମୃତିଚାରଣ ସଭା ସଭାପତି ଶରତ କୁମାର ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାପ୍ରାରମ୍ଭରେ ସ୍ୱର୍ଗତ ରାଉତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଉପସ୍ଥିତ ସମସ୍ତ ସଦସ୍ୟମାନେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ ଏବଂ ସଭାପତିଙ୍କ ଅଭିଭାଷଣ କ୍ରମେ ସ୍ୱର୍ଗତ ରାଉତଙ୍କ ଜୀବନ ଆଦର୍ଶ ଓ ନିର୍ଭିକତାର




ପରିଚୟ ସହିତ ଦୁର୍ନୀତିକୁ ପ୍ରତିରୋଧ କରିଥିଲେ ବୋଲି ଆଲୋକପାତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସୁମନ୍ତ ରାଉତ, ଗୋଲକଚନ୍ଦ୍ର ପଢିଆରୀ, ଚନ୍ଦନ ପରିଡା, ଚୈତନ୍ୟ ଚରଣ ପରିଡା, ଶାନ୍ତିସ୍ୱରୂପ ଭୂୟାଁ, ଉମାକାନ୍ତ ବଳ, ଗଙ୍ଗାଧର ପରିଡା, ନରୋତ୍ତମ ପରିଡା, ଦିଲ୍ଲିପ କୁମାର ଜେନା, ସଂଗ୍ରାମକେଶରୀ ଜେନା, ଦିଲ୍ଲିପ ରାଉତ, ଧନେଶ୍ୱର ରାଉତ, ଭାଗିରଥି ଜେନା, ଗୋଲେଖ ଚନ୍ଦ୍ର ପରିଡା, ବିଶ୍ୱଜିତ ରାୟ, ତରୁଣ ପ୍ରଧାନ, ମାନସ ରାଉତରାୟ, ପୀତବାସ ବେହେରା, ପ୍ରଣବ କୁମାର ଦାସ, ବିନୋଦ ବିହାରୀ ପରିଡା, ସୁମନ୍ତ ପାତ୍ର, ଅଭୟ ସ୍ୱାଇଁ, ରଞ୍ଜନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରାଉତଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଓ ଶ୍ରଦ୍ଧାଞ୍ଜଳି ପୂର୍ବକ ଅତି ଦୁଃଖଦ ସମୟରେ ଇଶ୍ୱର ତାଙ୍କ ପରିବାର ପ୍ରତି ସହାୟ ହୁଅନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ମହେଶ ସାହୁଙ୍କ ଟିକେଟ କଟିଲା : ଗୋଟିଏ ପରିବାରରୁ ଦୁଇଟି ଟିକେଟ

**ଅନୁଗୁଳ (ଏନ୍.ଏମ୍.) :** ଗୋଟିଏ ପରିବାର ଗୋଟିଏ ଟିକେଟ୍ । ଏହି ସୂତ୍ର କିନ୍ତୁ ଢେଙ୍କାନାଳରେ ବଦଳିଛି । ଢେଙ୍କାନାଳରେ ସାମଲ ପରିବାରର ଦୁଇଜଣଙ୍କୁ ଟିକେଟ୍ ମିଳିଛି । ବିଧାୟକ ଟିକେଟ୍ ପାଇଥିଲେ ସୁଧୀର ସାମଲ । ପରେ ତାଙ୍କ ପୁତୁରା ତଥା ରାଜନୀତିରେ ନୂଆକରି ସାମିଲ ହୋଇଥବା ଡା. ଅବିନାଶ ସାମଲଙ୍କୁ ଦଳ ଲୋକସଭା ଟିକେଟ୍ ଦେଇଛି । ତାଙ୍କ ବିରୋଧରେ ବିଜେପିର ପ୍ରାର୍ଥୀ ହୋଇଛନ୍ତି ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି । ଏହି ସଂସଦୀୟ କ୍ଷେତ୍ରରୁ ଲଗାତାର ଚତୁର୍ଥ ଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ରୁଦ୍ରଙ୍କ ସହ ନବାଗତ ଅବିନାଶଙ୍କ ଭିତରେ ଲଢ଼େଇ ହେବ । ଢେଙ୍କାନାଳ ସଂସଦୀୟ କ୍ଷେତ୍ର ବିଜେଡିର ଗଡ଼ ହୋଇ



ରହିଛି । ୨୦୦୪ରୁ ଏଠାରେ ବିଜେଡି ଲଗାତାର ଭାବେ ଜିତି ଆସୁଛି । ୨୦୦୯ରେ ବିଜେଡି-ବିଜେପି ମେଣ୍ଟ ଭାଙ୍ଗିବା ପରେ ବିଜେପି ଲଢ଼େଇ କରୁଥିଲେ ମଧ୍ୟ କେବେ ବିଜୟୀ ହୋଇପାରିନି । ତେବେ ଗତ ୩ଟି ଯାକ ସାଧାରଣ ନିର୍ବାଚନରେ ବିଜେପି ରୁଦ୍ର ନାରାୟଣ ପାଣିଙ୍କୁ ଟିକେଟ ଦେଇ ନିର୍ବାଚନକୁ ଓହ୍ଲାଇଛି । ପ୍ରତିଥର ରୁଦ୍ର ଭୋଟ ହାର ବଢ଼ାଇଥିଲାବେଳେ ୨୦୧୯ରେ ପାଖାପାଖି ୩୫ ହଜାର ଭୋଟ୍ ବ୍ୟବଧାନରେ ହାରିଥିଲେ । ତେଣୁ ୩ ଥର ହାରିଥିଲେ ମଧ୍ୟ ବିଜେପି ପୁଣି ରୁଦ୍ରଙ୍କ ଉପରେ ଭରସା କରିଛି । ମାତ୍ର ମାସକ ତଳେ ବିଜେଡିରେ ମିଶିଥିବା ଢେଙ୍କାନାଳ ବିଧାୟକ ସୁଧୀର ସାମଲଙ୍କ ପୁତୁରା ଡା. ଅବିନାଶ ସାମଲଙ୍କୁ ଦଳ ଟିକେଟ ଦେଇ ନୂଆ ଚାଲ୍ ଖେଳିଛି । ସୁଧୀର ସାମଲ ଆଗରୁ ଢେଙ୍କାନାଳ ସାଂସଦ ଭାବେ ଥରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲାବେଳେ ତାଙ୍କର ଏହି ଅଭିଜ୍ଞତା ଅବିନାଶଙ୍କୁ ସହାୟତା କରିବାର ଆଶା କରାଯାଉଛି ।

## ମାଛ ମାରିବା ବେଳେ ୨ ଟ୍ରଲର ଜବତ, ୨୦ ଅଟକ



**ପୁରୀ(ଏନ୍.ଏମ୍.) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ସମୁଦ୍ରର ନିଷିଦ୍ଧାଞ୍ଚଳରେ କିଛି ମତ୍ସ୍ୟଜୀବୀ ବେଆଇନ ଭାବେ ମାଛ ମାରୁଥିବା ବେଳେ ଚଢ଼ାଉ କରାଯାଇ ୨ଟି ଟ୍ରଲର ଜବତ କରାଯାଇଛି । ତା’ସହିତ ୨୦ଜଣଙ୍କୁ ଅଟକ ରଖାଯାଇଛି । ତଟରକ୍ଷୀ ବାହିନୀ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ମିଳିତ ଭାବରେ ଚଢ଼ାଉ କରି ନୂଆଗଡ଼ ଜେଟି ନିକଟକୁ ୨ଟି ଟ୍ରଲରକୁ ଅଣାଯାଇଛି । ଏହି ୨ଟି ଟ୍ରଲରରୁ ୨୦ଜଣଙ୍କୁ ଅଟକ ରଖିଯାଇଛି । ସେମାନଙ୍କ ବିରୋଧରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଜବତ ଟ୍ରଲର ଦୁଇଟିର ନାମ ହେଉଛି ବାଲେଶ୍ୱରର ଚିନ୍ମୟୀ ଓ ପାରାଦ୍ୱୀପର ମା’ ବୃନ୍ଦାବତି । ସମୁଦ୍ର ଉପକୂଳରେ ଅଲିଭ ରିଡେଲ କଇଁଛଙ୍କ ସୁରକ୍ଷିତ ଆଗମନ, ଅଣ୍ଡା ଦାନ ଓ ପ୍ରଜନନ ପାଇଁ ସମୁଦ୍ର ଉପକୂଳରୁ ଦେବୀ ନଦୀମୁହାଣର ୧୦ କିଲୋମିଟର ମଧ୍ୟରେ ଯନ୍ତ୍ର ଚାଳିତ ଡଙ୍ଗାରେ ମାଛ ଧରିବା ଉପରେ କଟକଣା ଜାରି ହୋଇଛି ।

## ସକାଳୁ ସକାଳୁ ଥାନାରୁ ଆସିଲା ଫୋନ୍ କଲ ; ସମସ୍ତେ ସ୍ତବ୍ଧ ?



**ସୋନପୁର(ଏନ୍.ଏମ୍.) :** ସକାଳୁ ସକାଳୁ ଥାନାରୁ ଆସିଥିଲା ଫୋନ୍ କଲ୍ । ଥାନା ବାବୁ ଯାହା କହିଥିଲେ, ତାହା ଶୁଣିବା ପରେ ସ୍ତବ୍ଧ ହୋଇଯାଇଥିଲେ ପୂରା ପରିବାର । କାହା ପାଟିରୁ କିଛି କଥା ବାହାରୁନଥିଲା । କେବଳ ଆଖିରୁ ଝରୁଥିଲା ଲୋହ । ବିକଳ ହୋଇ ଥାନାକୁ ଧାଇଁଲେ । ବୁଧବାର ସକାଳୁ ସକାଳୁ ସୁବଳୟାର ଗୌରାଙ୍ଗ ମହାପାତ୍ରଙ୍କ ବଡ଼ପୁଅ ବିମଳେନ୍ଦୁଙ୍କ ପାଖକୁ ପୁଇଁନ୍ତଳା ଥାନାରୁ ଫୋନ୍ ଆସିଥିଲା । ସୋନପୁର-ବଲାଙ୍ଗିର ରାସ୍ତାର ଭଦ୍ରାପାଲି ଛକ ନିକଟରେ ଦୁର୍ଘଟଣା ଘଟିଥିବା ସୂଚନା ଦିଆଯାଇଥିଲା । ବାଇକ୍ ଓ ସରକାରୀ ବସ୍ ଦୁର୍ଘଟଣାରେ ଦୁଇ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଥାନା ପକ୍ଷରୁ କୁହାଯାଇଥିଲା । ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଦୁଇ ଯୁବକଙ୍କ ମଧ୍ୟରୁ ଜଣେ ହେଉଛନ୍ତି ହିମାଂଶୁ ଶେଖର ମହାପାତ୍ର ଓ ଅନ୍ୟ ଜଣକ ହେଉଛନ୍ତି ଡୁଙ୍ଗୁରିପାଲି ଅଂଚଳର ନରେଶ । ଏ ଦୁଃଖଦ ଖବର ଶୁଣିବା ପରେ ପୂରା ପରିବାର ସ୍ତବ୍ଧ ହୋଇଯାଇଥିଲା । କାରଣ ଭୋର ୪.୩୦ ସମୟରୁ ହିମାଂଶୁ ତା’ର ବନ୍ଧୁ ନରେଶ ସହ ଚାକିରିରେ ଯୋଗଦେବା ପାଇଁ ଲାଂଜିଗଡର ବେଦାନ୍ତ ଅଭିମୁଖେ ବାହାରିଥିଲେ । ହୋଲି ପାଇଁ ଛୁଟି ଥିବାରୁ ସେ ତାଙ୍କର ଅତିପ୍ରୀୟ ବନ୍ଧୁ ନରେଶକୁ ସାଙ୍ଗରେ ଧରି ସୁବଳୟାକୁ ଆସିଥିଲେ । ହୋଲି ପରେ ବୁଧବାର ସକାଳେ ଲାଂଜିଗଡ ଅଭିମୁଖେ ବାହରିଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ଦୁଇ ବନ୍ଧୁ । ହିମାଂଶୁ ଓ ନରେଶ ଦୁହେଁ ଥିଲେ ପରମ ବନ୍ଧୁ । ଏକାଠି ରହି ପାଠ ପଢିଥିଲେ । ଉଭୟ ବନ୍ଧୁ ବେଦନ୍ତ ଲାଞ୍ଜିଗଡ଼ରେ ଚାକିରି ମଧ୍ୟ କରିଥିଲେ । ହୋଲିରେ ଦୁଇବନ୍ଧୁ ସାଙ୍ଗହୋଇ ରଙ୍ଗ ଖେଳିଥିଲେ । ହେଲେ କର୍ମସ୍ଥଳକୁ ଫେରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣବାୟୁ ଉଡିଗଲା । ସବୁଦିନ ପାଇଁ ଉଭୟ ବନ୍ଧୁ ବାପା ମାଆଙ୍କ କୋଳ ଖାଲିକରି ଚାଲିଗଲେ ।

## ବିଜେପିରେ ଯୋଗ ଦେଲେ ଭର୍ତ୍ତୃହରି ମହତାବ

**କଟକ(ଏନ୍.ଏମ୍.) :** କଟକ ଲୋକ ସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ନେଇ ଲାଗି ରହିଥିବା ଚର୍ଚ୍ଚାର ପୂର୍ଣ୍ଣଚ୍ଛେଦ ପଡ଼ିଛି । ବିଜେପିରେ ଯୋଗ ଦେଇଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ । ଆଜି ଦିଲ୍ଲୀ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଦଳର ସାଧାରଣ ସଂପାଦକ ବିନୋଦ ତାୱଡେ, ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭର୍ତ୍ତୃହରି ମହତାବ ପଦ୍ମ ଧରିଛନ୍ତି । ବିଜେପିରେ ସାମିଲ ପରେ ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି, ରାଷ୍ଟ୍ରବାଦ, ଏକାତ୍ମତା ଓ ପୂର୍ବୋଦୟ ବିଜେପି ଜରିଆରେ ହୋଇପାରିବ । ରାଜ୍ୟର ପ୍ରଗତି ଓ ଉନ୍ନତି ପାଇଁ କାମ କରିବାକୁ ବିଜେପି ଜରିଆରେ ସୁଯୋଗ ମିଳିବ । ମୋଦିଙ୍କ ଶକ୍ତି, ଶାହଙ୍କ ବିଶ୍ୱାସ ଓ ନଡ୍ଡାଙ୍କ ପ୍ରେରଣା ଆଗକୁ ନେବାକୁ ସାହାଯ୍ୟ କରିବ । ଏକ ନୂଆ ଟିମ୍ ସହ ନୂଆ ଇନିଂସ ଆରମ୍ଭ କରିବାକୁ ଯାଉଛି । ଓଡ଼ିଶାରେ ଯେଉଁ ପରିବର୍ତ୍ତନ ହେବାକୁ ଯାଉଛି, ତାହା ଆସିଲେ ସମସ୍ତେ ଦେଖିପାରିବେ । ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୨୨ତାରିଖରେ ଶୁକ୍ରବାର ଦିନ ଭର୍ତ୍ତୃହରି ବିଜେଡିରୁ ଇସ୍ତଫା ଦେଇଥିଲେ । ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ପଠାଇ ଦେଇଥିଲେ । ସେ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ । ବିଜେଡି ଛାଡ଼ିବା ପରେ ସେ ବିଜେପିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହୋଇଥିଲା । ଏହି ଚର୍ଚ୍ଚାର ଆଜି ଅନ୍ତ ଘଟିଛି । ଭର୍ତ୍ତୃହରି ୬ ଥର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି । ୧୯୯୮, ୧୯୯୯, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ସେ ଲଗାତାର କଟକ ଲୋକସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଛନ୍ତି । ୨୦୧୭ରେ ସେ ଆଉଟଷ୍ଟାଣ୍ଡିଂ ପାର୍ଲାମେଣ୍ଟାରିଆନ ଆୱାର୍ଡ ପାଇଥିବା ବେଳେ ୨୦୧୭, ୨୦୧୮,




୨୦୧୯ ଓ ୨୦୨୦ରେ ସଂସଦ ରତ୍ନ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି । ବିଜେଡିରୁ ଇସ୍ତଫା ଦେବା ପରେ ଭର୍ତ୍ତୃହରି ବିଭିନ୍ନ ପ୍ରସଙ୍ଗକୁ ନେଇ ବାରମ୍ବାର ବାରମ୍ବାର ବିଜେଡିକୁ ଟାର୍ଗେଟ କରୁଥିଲେ । କିଛି ଦିନ ତଳେ ନିଜର ସଂପାଦକୀୟରେ ବିଜେଡିକୁ ବାଣ ମାରିଥିଲେ ଭର୍ତ୍ତୃହରି । ଏହି ଲେଖାର ଶୀର୍ଷକ ଥିଲା “ଦୁର୍ନୀତିର ଘଡ଼ା ପୂରିଲାଣି, ଫାଟିବ କି ଭାଙ୍ଗିବ ନିଶ୍ଚୟ” । ଏଥିରେ ସେ କେଉଁ ପରିସ୍ଥିତିରେ ଏବଂ କାହିଁକି ଦଳ ଛାଡ଼ିଲେ, ବିଜେଡି ଓ ଏହାର ନେତୃତ୍ୱ ଏବେ କେଉଁ ସ୍ତରକୁ ଗଲେଣି ତାହା ଉଲ୍ଲେଖ କରିଥିଲେ । ବିଜେଡିରୁ ଇସ୍ତଫା ଦେବା ପରେ ଭର୍ତ୍ତୃହରି କହିଥିଲେ, ୧୭ତମ ଲୋକସଭାର କାର୍ଯ୍ୟକାଳ ସରିଯାଇଛି । ସାଂସଦ ଭାବେ ଓ ବିଜେଡି ପ୍ରତିନିଧି ଭାବେ ନିଜର କର୍ତ୍ତବ୍ୟ ଠିକ୍ ଭାବେ କରିଛି ବୋଲି ଭାବୁଛି । କଟକ ଲୋକସଭା ନିର୍ବାଚନମଣ୍ଡଳୀରେ ଯେତେ ପ୍ରକାର କାର୍ଯ୍ୟରେ ସାମିଲ ହେବା କଥା ହୋଇଛି । ଅନ୍ତିମ ପର୍ଯ୍ୟାୟରେ ଯେତେବେଳେ ନିର୍ବାଚନ ଘୋଷଣା ହୋଇଗଲାଣି, ସେତେବେଳେ ବିଜେଡି ଠାରୁ ନିଜକୁ ଦୂରେଇ ନେଉଛି । ତେବେ ଏଠି ପ୍ରଶ୍ନ ହେଉଛି କାହିଁକି ? ଏହାର ସଂକ୍ଷିପ୍ତ ଉତ୍ତର ହେଉଛି, ବିଜେଡିରେ ବହୁ ପରିବର୍ତ୍ତନ ହୋଇଯାଇଛି । ଦୁର୍ନୀତି ଓ ବ୍ୟକ୍ତିଗତ ସମ୍ପତି ଆହରଣ ବିରୋଧରେ ଲଢ଼ିବା ପାଇଁ ବିଜେଡି ତିଆରି ହୋଇଥିଲା । ଓଡ଼ିଶାବାସୀ ମଧ୍ୟ ବିଜେଡିକୁ ବାରମ୍ବାର ସମର୍ଥନ ଦେଇଛନ୍ତି । ଗତ କିଛି ବର୍ଷ ହେଲା ଦଳ ଯେଉଁଭଳି ପରିଚାଳିତ ହେଉଛି, ତାହାର ସଂଶୋଧନ ପାଇଁ ବହୁବାର ଉଦ୍ୟମ କରିଛି ଓ କହିଛି । କିନ୍ତୁ ସେଥିରେ କିଛି ସୁଫଳ ମିଳିଲା ନାହିଁ । ତେଣୁ ପୁନର୍ବାର ଯେତେବେଳେ ନିର୍ବାଚନ ଆସିବାକୁ ଯାଉଛି, ମୁଁ ଭାବୁଛି ଦଳଠାରୁ ଦୂରେଇ ଗଲେ ଅଧିକ ପ୍ରଖର ଭାବେ କାର୍ଯ୍ୟ କରିପାରିବି । ମୁଁ ଯେତେବେଳେ ବନ୍ଧନରେ ରହିଯାଉଥିଲି, ସେତେବେଳେ ମୋର ଅନୁଭବକୁ ପ୍ରକାଶ କରିବା ପାଇଁ ବାଧା ଦିଆଯାଉଥିଲା । ଯଦି କିଛି କହିଲି, ତାକୁ କଦର୍ଥ କରି ସମାଲୋଚନା କରାଯାଉଥିଲା । ଭଲ ହେବ ଯଦି ମୁଁ ଦଳଠାରୁ ଦୂରେଇ ଯିବି । ସେଥିପାଇଁ ବିଜେଡିରୁ ଇସ୍ତଫା ଦେଇଥିଲି ବୋଲି ଶ୍ରୀ ମହତାବ କହିଥିଲେ ।




## ବେଆଇନ ବନ୍ଧୁକ କାରବାର ମାମଲା :
# ବିହାରରୁ କିଙ୍ଗପିନ ଗୋଲଡେନ ସିଂହ ଗିରଫ, କଟକରୁ ଆଉ ଜଣେ ଗିରଫ, ୩ ବନ୍ଧୁକ ସହ ଗୁଳି ଜବତ



**ଜଗତପୁର(ଏନ୍.ଏମ୍.) :** ବେଆଇନ ବନ୍ଧୁକ କାରବାର ମାମଲାରେ କମିଶନରେଟ ପୋଲିସକୁ ଆଉ ଏକ ସଫଳତା ମିଳିଛି । ଜଗତପୁର ଓ ମଙ୍ଗଳାବାଗ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇ ଦୁଇ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୩ଟି ବନ୍ଧୁକ ଜବତ କରାଯାଇଛି । ଜଗତପୁରରୁ ଥାନା କେଶ ନମ୍ବର ୧୪୭/୨୦୨୪ ସହ ସମ୍ପୃକ୍ତ ବେଆଇନ ବନ୍ଧୁକ କାରବାରର ମୁଖ୍ୟ ଅଭିଯୁକ୍ତ ତଥା କିଙ୍ଗପିନକୁ ବିହାରର ମୁଙ୍ଗେର ଅଞ୍ଚଳରୁ ଗିରଫ କରାଯାଇଛି । ବିହାର ପୋଲିସ ସହାୟତାରେ କମିଶନରେଟ ପୋଲିସର ତଦନ୍ତକାରୀ ଦଳ ମୁଖ୍ୟ ଅଭିଯୁକ୍ତ ଗୋଲଡେନ ସିଂ(୩୪)ଙ୍କୁ ଗିରଫ କରି ଓଡିଶା ଆଣିବାରେ ସଫଳ ହୋଇଛି । ମୁଖ୍ୟ ଅଭିଯୁକ୍ତ ଚୋରା ବନ୍ଧୁକ କାରବାରର କଟକ ସମେତ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ମାନଙ୍କରେ ଦୀର୍ଘଦିନ ଧରି ଚଳାଇ ଆସୁଥିଲେ । ଅଭିଯୁକ୍ତଙ୍କୁ କୋର୍ଟରେ ରବିବାର ହାଜିର କରା ଯାଇଛି । ବେଆଇନ ବନ୍ଧୁକ କାରବାର ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି । ଜଗତପୁର ଥାନାର ବେଆଇନ ବନ୍ଧୁକ କାରବାର ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋନ -୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସ୍ପେସିଆଲ ସ୍କ୍ୱାଡ଼ ଏସଆଇ ସୁନୀଲ ଯାଦବଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ବିହାର ଯାଇଥିଲେ । ବିହାର ପୋଲିସ ସହାୟତାରେ ମୁଖ୍ୟ ଅଭିଯୁକ୍ତଙ୍କ ନାମରେ ରହିଥିବା ବିଭିନ୍ନ ଅପରାଧିକ ମାମଲା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କମିଶନରେଟ ପୋଲିସକୁ ମିଳିଛି । ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖରେ ଜଗତପୁର ଥାନା ପୋଲିସ ଦୁର୍ଦ୍ଦାନ୍ତ ବନ୍ଧୁକ ବେପାରୀ ବାବୁଆ ଓରଫ ପ୍ରକାଶ ବେହେରାଙ୍କୁ ଗିରଫ କରିଥିଲା । ବାବୁଆ ନିକଟରୁ ଏକ ପିସ୍ତଲ ସହ ତିନୋଟି ଜୀବନ୍ତ ଗୁଳି ଜବତ ହେଇଥିଲା । ବାବୁଆ ସହ ବେଆଇନ ବନ୍ଧୁକ କାରବାରରେ ସାମିଲ ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ପିଣ୍ଟୁ ଓରଫ ପ୍ୟାରୀମୋହନ ଦାସ ଓ ମିହିର କୁମାର ରାୟଙ୍କୁ ପୋଲିସ ଗିରଫ କରିଥିଲା । ପୁଣି ସତର ତାରିଖରେ ଆଉ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଢେଙ୍କାନାଳ ସଦର ଥାନା ଗୋବିନ୍ଦ ପ୍ରସାଦ ଅଞ୍ଚଳର ପିଙ୍କୁ ଓରଫ ପ୍ରିୟବ୍ରତ ସାମଲଙ୍କୁ ଗିରଫ କରାଯାଇଥିଲା । ପିଙ୍କୁ ନିକଟରୁ ବନ୍ଧୁକ ଗୁଳି ମଧ୍ୟ ଜବତ ହେଇଥିଲା । ଏ ସମସ୍ତ ଅଭିଯୁକ୍ତ ମାନଙ୍କ ପୁଲିସ ଜେରା ବେଳେ ବନ୍ଧୁକ କାରବାରର ମୂଳ ବିହାରର ମୁଙ୍ଗେର ବୋଲି ଜଣା ପଡିଥିଲା । ବିହାରର ମୁଙ୍ଗେର ଓ ଜମ୍ବୁଇ ଜିଲ୍ଲା ଅଞ୍ଚଳର ବୋଲି ଜଣା ପଡିଥିଲା । ଅଭିଯୁକ୍ତମାନଙ୍କ ଠାରୁ ହାସଲ ହୋଇଥିବା ତଥ୍ୟ ଆଧାରରେ କମିଶନରେଟ ପୁଲିସର ସ୍ୱତନ୍ତ୍ର ଦଳ ବିହାର ଯାଇ ବନ୍ଧୁକ କାରବାରର କିଙ୍ଗପିନ ନିକଟରେ ପହଞ୍ଚିବାର ସଫଳ ହୋଇଥିଲେ । ସେଇଭଳି ମଙ୍ଗଳାବାଗ ଥାନାର କେଶ ନମ୍ବର ୯୫/୨୦୨୪ରେ ପୋଲିସ ବେଆଇନ ବନ୍ଧୁକ କାରବାରରେ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ କେଶରପୁର ଅଞ୍ଚଳର ୱାସିମ୍ ଖାନ (୨୫) । ପୁଲିସ ଚଢ଼ାଉ ବେଳେ ୱାସିମ୍ ନିକଟରୁ ଦେଶୀ ବନ୍ଧୁକ ଜବତ କରିଛି । ୱାସିମ୍‌କୁ ପଚରା ଉଚରା ପରେ ସେ ମୁଖ୍ୟ ଅଭିଯୁକ୍ତ ଗୋଲଡେନ ସିଂ ଠାରୁ ବନ୍ଧୁକ କିଣି ବିକ୍ରି କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି । କଟକର ବିଭିନ୍ନ ଥାନାରେ ୱାସିମ୍ ନାମରେ ଆଠଟି ମାମଲା ରୁଜୁ ହେଇଥିବା ପୋଲିସ ଜାଣିବାକୁ ପାଇଛି । ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରା ଯାଇଛ ।

## କୂଅରୁ ପାଣି ଉଠାଇବାକୁ କେନ୍ଦ୍ର କରି ଗାଁରେ ବୋମାମାଡ଼




**ପୁରୀ (ଏନ୍.ଏମ୍.) :** ଝିମିଟି ଖେଳରୁ ମହାଭାରତ । ସାମାନ୍ୟ ଘଟଣାକୁ କେନ୍ଦ୍ର କରି ବୋମାମାଡ଼ ପର୍ଯ୍ୟନ୍ତ ଯାଇପାରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲାରେ । ପୁରୀ ଜିଲ୍ଲା ଡେଲାଙ୍ଗ ଟାଙ୍ଗୀ ଭଂସର ଗାଁରେ ବୋମାମାଡ଼ ହୋଇଥିବାର ଖବର ମିଳିଛି । କୂଅରୁ ପାଣି ଉଠାଇବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବା ପରେ ବୋମାମାଡ଼ ହୋଇଥିବା ସୂଚନା ରହିଛି । ଘଟଣାସ୍ଥଳରେ ଡେଲାଙ୍ଗ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ବୋମାମାଡ଼ରେ କୌଣସି କ୍ଷୟକ୍ଷତିର ସୂଚନା ନାହିଁ । ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

## ମଟନ କିଣିବା ବାହାନାରେ ସ୍ପ୍ରେ ମାରି ଦୋକାନୀଙ୍କ ଠାରୁ ଲୁଟ୍

**କଟକ(ଏନ୍.ଏମ୍.) :** କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁର ଠାରେ ଜଣେ ମାଂସ ଦୋକାନୀ ଆଜି ଲୁଟର ଶିକାର ହୋଇଛନ୍ତି । ମଟନ କିଣିବା ବାହାନାରେ ଲୁଟେରାମାନେ ତାଙ୍କ ମୁହଁ ଉପରକୁ ସ୍ପ୍ରେ କରି ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଛନ୍ତି । ଲୁଟର ଶିକାର ହୋଇଥିବା ବ୍ୟବସାୟୀ ଜଣକ ନିଆଳିର ମେହେରବାନ ସାହା । ସେ ମଟନ ବିକିବା ପାଇଁ ଗୋପାଳପୁରକୁ ଆସନ୍ତି । ଆଜି ମଧ୍ୟାହ୍ନରେ ଦୁଇ ଜଣ ବ୍ୟକ୍ତି ବାଇକରେତାଙ୍କ ପାଖକୁ ମଟନ କିଣିବାକୁ ଆସିଥିଲେ । ସେତେବେଳେ ତାଙ୍କ ଦୋକାନରେ ଅନ୍ୟ ଗ୍ରାହକ ମଧ୍ୟ ଥିଲେ । ଉଭୟେ ମଟନ କିଣିବା ବାହାନାରେ ହଠାତ୍ ମେହେରବାନ ଓ ଗ୍ରାହକଙ୍କ ଉପରକୁ କିଛି ସ୍ପ୍ରେ କରିଥିଲେ । ଫଳରେ ଉଭୟ ଅଚେତ ହୋଇପଡିଥିଲେ । ଏହାପରେ ଦୁର୍ବୃତ୍ତ ଦ୍ୱୟ ମେହେରବାନଙ୍କ ପାଖରେ ଥିବା ସମସ୍ତ ଟଙ୍କା ଓ ଗ୍ରାହକଙ୍କଠାରୁ ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଉଭୟଙ୍କୁ ଡାକ୍ତରଖାନାକୁ ପଠାଇଥିଲା । ଘଟଣାର ତଦନ୍ତ ଜାରି ରହିଥିଲା ବେଳେ ଉଭୟ ସୁସ୍ଥ ହେବା ପରେ ସେମାନଙ୍କ ବୟାନ ନିଆଯିବ ବୋଲି ପୋଲିସ କହିଛି ।

## ଗାଁ ମୁଣ୍ଡରେ ଭିଣୋଇଙ୍କୁ ଛୁରୀ ଭୁଷି ହତ୍ୟା କଲେ ଶଳା !



**ରାଜଗାଙ୍ଗପୁର(ଏନ୍.ଏମ୍.) :** ଶଶୁର ଘର ଗାଁ ମୁଣ୍ଡରେ ଭିଣୋଇଙ୍କୁ ଛୁରୀ ଭୁଷି ହତ୍ୟା କଲେ ଶଳା ! ଆଜି ଅପରାହ୍ନରେ ଏପରି ବୀଭତ୍ସ ହତ୍ୟାକାଣ୍ଡ ସୁନ୍ଦରଗଡ଼ ଜିଲ୍ଲାରେ ଘଟିଛି । ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତ ଶଳାକୁ ଅଟକ ରଖିଛି । ରାଜଗାଙ୍ଗପୁର ଲଖୁଆପଡାର ଜୟରାମ ସତନାମୀ ଜୌରୁମାଲ୍ ପଞ୍ଚାୟତ ଟୁଙ୍ଗୁରିପଡା ଅନୁଷ୍କା ଟପ୍ପୋଙ୍କୁ ପ୍ରେମ ବିବାହ କରିଥିଲେ । ବାହାଘର ପରେ ସେ ଶାଶୁ ଘରକୁ ଚାଲି ଯାଇଥିଲେ । ଶାଶୁ ଘରେ ପହଞ୍ଚିବା ପରେ ସ୍ୱାମୀ ଜୟରାମଙ୍କ ଅସଲ ରୂପ ଦେଖିଥିଲେ ଅନୁଷ୍କା । ଅନେକ ସମୟରେ ସେ ତାଙ୍କୁ ମାରଧର କରୁଥିବା ଅଭିଯୋଗ ହୋଇଛି । ଏହି ମାମଲା ଥାନାକୁ ମଧ୍ୟ ଯାଇଥିଲା । ତଥାପି ଅସହାୟ ଅବସ୍ଥାରେ ବାଧହୋଇ ତାଙ୍କ ସହିତ ସଂସାର ଗଢ଼ିଥିଲେ ଅନୁଷ୍କା । ତାଙ୍କର ଏବେ ୪ ବର୍ଷର ପୁଅଟିଏ ରହିଛି । ତେବେ ସ୍ୱାମୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ଅନୁଷ୍କା ଏନେଇ ନିଜ ବାପଘର ଲୋକଙ୍କୁ କହିଥିଲେ । ଗତ ରବିବାର ନିଜ ଭାଇ ମାରକୋଷ ଟପ୍ପୋ ଭଉଣୀ ଅନୁଷ୍କାଙ୍କ ଘରକୁ ଯାଇଥିଲେ । ସେହି ସମୟରେ ଗୋଟି ଗୋଟି କଥା କହିଥିଲେ ଅନୁଷ୍କା । ତା'ପରେ ଅନୁଷ୍କାଙ୍କୁ ଧରି ନିଜ ଘରକୁ ପଳାଇ ଆସିଥିଲେ ମାରକୋଷ ଟପ୍ପୋ । ଆଜି ଅପରାହ୍ନ ପ୍ରାୟ ୩ରୁ ୪ଟା ବେଳେ ପତ୍ନୀଙ୍କୁ ଆଣିବା ପାଇଁ ସତନାମୀ ଶାଶୁ ଘରକୁ ଯାଇଥିଲେ । ଭିଣୋଇ ସତନାମୀଙ୍କୁ ଦେଖି ତାତି ଯାଇଥିଲେ ମାରକୋଷ । ସେଠାରେ ଉଭୟଙ୍କ ଭିତରେ ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଏକ ଛୁରୀରେ ଭିଣୋଇ ସତନାମୀଙ୍କୁ ଭୁଷି ହତ୍ୟା କରିଥିବା ଅଭିଯୋଗ ହୋଇଛି । ରାଜଗାଙ୍ଗପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି ।

## ୩୦ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଫସିଲେ ଜିଏସ୍ଟି ଅଧିକାରୀ




**ଭୁବନେଶ୍ୱର(ଏନ୍.ଏମ୍.) :** ଭିଜିଲାନ୍ସ ଜାଲରେ ଜିଏସ୍ଟି ଅଧିକାରୀ ମାନସ ରଞ୍ଜନ ବେହେରା । ୩୦ହଜାର ଟଙ୍କାର ଲାଞ୍ଚ ନେବାବେଳେ ମାନସଙ୍କୁ କାବୁ କରିଛି ଭିଜିଲାନ୍ସ । ପୁରୀ ଜିଲ୍ଲା ସ୍କୁଲ ସମ୍ମୁଖରେ ପୁରୀର ସିଟିଓ ଆଣ୍ଡ ଜିଏସ୍ଟି, ଏନଫୋର୍ସମେଣ୍ଟ ୟୁନିଟର ଅଧିକାରୀଙ୍କୁ ଲାଞ୍ଚ ନେବାବେଳେ ଟ୍ରାକ୍ କରିବାରେ ସଫଳ ହୋଇଛି ଭିଜିଲାନ୍ସ ୟୁନିଟ୍ । ଅଭିଯୋଗକାରୀ ଜଣକ ଗତ ୧୯ ମାର୍ଚ୍ଚରେ ସରକାରୀ ନିୟମ ମୁତାବକ ୭୯,୨୦୦ ଟଙ୍କାର ଜିଏସ୍ଟି ଜୋରିମାନା ପୈଠ କରି ସାରିଥିଲେ ମଧ୍ୟ ତାଙ୍କ ଅଟକ ରଖାଯାଇଥିବା ଗାଡିକୁ ମୁକ୍ତ କରିବା ପାଇଁ ୩୦ହଜାର ଟଙ୍କା ଦାବି କରିଥିଲେ ମାନସ । ତେବେ ଅଭିଯୋଗକାରୀଙ୍କ ଠାରୁ ପୁରୀ ଜିଲ୍ଲା ସ୍କୁଲ ସମ୍ମୁଖରେ ଦାବି ଟଙ୍କା ଅସୁଲ କରୁଥିବାବେଳେ ରେଡ ହ୍ୟାଣ୍ଡେଡ ମାନସଙ୍କୁ କାବୁ କରିଥିଲା ଭିଜିଲାନ୍ସ । ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ ବେହେରାଙ୍କ ଠାରୁ ୩୦ ହଜାର ଟଙ୍କାକୁ ଜବତ କରିବା ସହ ଶ୍ରୀ ବେହେରାଙ୍କର ତିନୋଟି ସ୍ଥାନରେ ଏକକାଳୀନ ଚଢାଉ ଚାଲିଛି । ଏହି ସଂଯୋଗରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଶ୍ରୀ ବେହେରା, ସିଟିଓ ଏବଂ ଜିଏସ୍ଟି ଅଧିକାରୀ, ଏନଫୋର୍ସମେଣ୍ଟ ୟୁନିଟ୍ ବିରୋଧରେ ତଦନ୍ତ ଜାରି ରହିଛି ।

## ବିରଜାଙ୍କ ଦର୍ଶନ କଲେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ

**ଯାଜପୁର(ଏନ୍.ଏମ୍.) :** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କୁ ଦର୍ଶନ କରି ଆଶିଷ ଲାଭ କଲେ ଯାଜପୁରର ବିଧାୟକ ତଥା ସମ୍ବଲପୁରର ବିଜେଡି ଲୋକସଭା ପାଇଁ ସାଂସଦ ପ୍ରାର୍ଥୀ ଭାବେ ଘୋଷଣା ହୋଇଥିବା ପ୍ରଣବ ପ୍ରକାଶ ଦାସ । ଆଜି ତାଙ୍କୁ ଭବ୍ୟ ସ୍ୱାଗତ ସହ ବାଣ ବାଜା ବଜାଇ ମାଆଙ୍କ ମନ୍ଦିର ପାଖକୁ ପାଛୋଟି ନେଇଥିଲେ ଲୋକ । ପରେ ମାଆଙ୍କ ପାଖରେ ପୂଜାର୍ଚ୍ଚନା ସାରି ସେ ସମ୍ବଲପୁର ମୈଦାନକୁ ଓହଇଛନ୍ତି ।

## ମଝି ଦରିଆରେ ମାଛଧରା ଡଙ୍ଗାରୁ ଡେଇଁ ପଡ଼ିଲେ ମତ୍ସ୍ୟଜୀବୀ



**ଭଦ୍ରକ(ଏନ୍.ଏମ୍.) :** ମଝି ଦରିଆରେ ମାଛଧରା ଡଙ୍ଗାରୁ ଡେଇ ପଡ଼ିଲେ ମତ୍ସ୍ୟଜୀବୀ । ଧାମରା ସାମୁଦ୍ରିକ ଥାନା ଦ୍ୱାରା ତାଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ବ୍ୟକ୍ତି ହେଲେ ରାମଚନ୍ଦ୍ର ମୁର୍ମୁ । ସୂଚନା ଅନୁସାରେ ଧାମରା ସାମୁଦ୍ରିକ ଥାନା ଅଧୀନ କାଳ ନଳୀ ନିକଟରେ ସମୁଦ୍ରରୁ ମାଛ ମାରି ଧାମରା ଜେଠିକୁ ଆସୁଥିବା ରାଜଲକ୍ଷ୍ମୀ ନାମକ ବୋଟରୁ ଜଣେ ଧୀବର ରାମଚନ୍ଦ୍ର ମୁର୍ମୁ କୌଣସି କାରଣ ବସତ୍ ଚଳନ୍ତା ବୋଟରୁ ମଝି ଦରିଆକୁ ଡେଇ ପଡ଼ି ଜୀବନ ହାରିବାକୁ ବସିଥିଲେ । ତେବେ ଡଙ୍ଗା ମଧ୍ୟରେ ଥିବା ଅନ୍ୟ ମତ୍ସ୍ୟଜୀବୀ ସଂଗେସଂଗେ ଧାମରା ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ । ସାମୁଦ୍ରିକ ଥାନା ପକ୍ଷରୁ କୁଶଳୀ ଅଧିକାରୀମାନେ ସଙ୍ଗେ ସଙ୍ଗେ ଅତ୍ୟାଧୁନିକ ଡଙ୍ଗା ସାହାଯ୍ୟରେ ଗଭୀର ସମୁଦ୍ରକୁ ଭାସି ଯାଉଥିବା ରାମଚନ୍ଦ୍ରକୁ ଉଦ୍ଧାର କରି ଧାମରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରିଥିଲେ । ତେବେ ରାମଚନ୍ଦ୍ରଙ୍କ ଅବସ୍ଥା ଅଦ୍ୟାବଧି ଭଲ ଥିବା ବେଳେ କାହିଁକି ସେ ବୋଟରୁ ଡେଇ ଆତ୍ମହତ୍ୟା କରିବାକୁ ଚାହୁଥିଲେ ପୁଲିସ ତଦନ୍ତ କରୁଛି । ରାମଚନ୍ଦ୍ରଙ୍କ ଘର ମୟୂରଭଂଜ ଜିଲ୍ଲା ଉଦଳା କପ୍ତିପଦାରେ ବୋଲି ଜଣାପଡ଼ିଛି ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଯୁକ୍ତ ମୁଖ୍ୟ ପରୀକ୍ଷକଙ୍କୁ ଦାୟୀତ୍ୱରୁ ଅବ୍ୟାହତି

**କେନ୍ଦ୍ରାପଡ଼ା(ଏନ୍.ଏମ୍.) :** ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ +୨ ପରୀକ୍ଷା ଖାତା ମୂଲ୍ୟାୟନ ନିମନ୍ତେ ଡେରାବିଶ ବ୍ଲକ ଅନ୍ତର୍ଗତ ଚାଟରାଚକଡାସ୍ଥିତ ସରକାରୀ ପଲିଟେକନିକରେ କରାଯାଇଥିବା ମୂଲ୍ୟାୟନ କେନ୍ଦ୍ରରେ ଚଳିତମାସ ୨୨ତାରିଖରୁ ଖାତାଦେଖା ଆରମ୍ଭ ହୋଇଛି । ଏହି ମୂଲ୍ୟାୟନ କେନ୍ଦ୍ର ପାଇଁ ପଦାର୍ଥ ବିଜ୍ଞାନ ବିଷୟରେ ମୁଖ୍ୟ ପରୀକ୍ଷକ ଭାବେ ତତ୍କାଳୀନ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସଞ୍ଜୀବ କୁମାର ମହାନ୍ତିଙ୍କୁ ଚଳିତମାସ ୧୮ତାରିଖରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଏସମ୍ପର୍କିତ ପରିଷଦର ନିଯୁକ୍ତିପତ୍ର ଗତ ୧୮ତାରିଖରେ ମେଲ ଯୋଗେ କେନ୍ଦ୍ରାପଡା କଲେଜର ଅଧକ୍ଷଙ୍କ ନିକଟକୁ ପଠାଯାଇଥିଲା । ସେହିପତ୍ରରେ ଉଲ୍ଲେଖ ରହିଥିଲା ଯେ ଯଦି ସଂପୃକ୍ତ ଅଧ୍ୟାପକଙ୍କର ବଦଳି ହୋଇଯାଇଥାଏ ତେବେ ଏହି ନିଯୁକ୍ତିପତ୍ରଙ୍କୁ ସଙ୍ଗେ ସଙ୍ଗେ ବଦଳି ହୋଇଥିବା କଲେଜର ଅଧକ୍ଷଙ୍କୁ ଇ-ମେଲ ମାଧ୍ୟମରେ ପଠାଇଦେବାକୁ କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ରହିଥିଲା । କେନ୍ଦ୍ରାପଡା କଲେଜର ତତକାଳୀନ ଅଧକ୍ଷ ଅଶୋକ କୁମାର ଦାସଙ୍କୁ ପରିଷଦ ପକ୍ଷରୁ ମୁଲ୍ୟାୟନ କେନ୍ଦ୍ରର ଜୋନ ସୁପରଭାଇଜର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ପରିଷଦ ପକ୍ଷରୁ ପଦାର୍ଥ ବିଜ୍ଞାନ ବିଷୟର ମୁଖ୍ୟ ପରୀକ୍ଷକ ଭାବେ ନିଯୁକ୍ତ ଡ. ମହାନ୍ତିଙ୍କ ନିଯୁକ୍ତିପତ୍ରକୁ ସେ ବଦଳି ହୋଇଯାଇଥିବା ଜଗତସିଂହପୁରଜିଲ୍ଲାର ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟର ଅଧକ୍ଷଙ୍କୁ ସେହି ଦିନ କିମ୍ବା ତାର ପରଦିନ ଇ-ମେଲ ଦ୍ୱାରା ପଠାଇ ଦିଆଯିବା କଥା । କିନ୍ତୁ ଜାଣିଶୁଣି ଅଧାପକ ଡ. ମହାନ୍ତିଙ୍କୁ ଅସୁବିଧାରେ ପକାଇବା ଉଦେଶ୍ୟରେ କେନ୍ଦ୍ରାପଡା କଲେଜର ନୂତନ କାମଚଳା ଅଧକ୍ଷ ଅଭିଜିତ ବୋଷ ଓ ପୂର୍ବତନ ଭାରପ୍ରାପ୍ତ ଅଧକ୍ଷ ତଥା ମୂଲ୍ୟାୟନ କେନ୍ଦ୍ରର ଜୋନ ସୁପରଭାଇଜର ଶ୍ରୀ ଦାସ ଏସମ୍ପର୍କରେ ଡ. ମହାନ୍ତି ବଦଳି ହୋଇଯାଇଥିବା କଲେଜର ଅଧକ୍ଷଙ୍କୁ ଇ-ମେଲ ଯୋଗେ ଜଣାଇଲେ ନାହିଁ । ପରବ□ୀ ସମୟରେ ଗତ ୨୭ତାରିଖରେ ପରିଷଦର ଏହି ନିଯୁକ୍ତି ପତ୍ରକୁ ଶାରଳା ମହାବିଦ୍ୟାଳୟର ଅଧକ୍ଷଙ୍କୁ କେନ୍ଦ୍ରାପଡା କଲେଜ ଅଧକ୍ଷ ଇ-ମେଲ ଦ୍ୱାରା ପଠାଇଦେବା ଫଳରେ ପତ୍ର ପାଇବା ପରେ ସେହିଦିନ ଶାରଳା ମହାବିଦ୍ୟାଳୟର ଅଧକ୍ଷ ଡ. ମହାନ୍ତିଙ୍କୁ ରିଲିଭ କରିଦେଇଥିଲେ । ଆଜି ଡ. ମହାନ୍ତି ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେବା ପରେ ତାଙ୍କୁ ମୂଲ୍ୟାୟନ କେନ୍ଦ୍ରର ଜୋନ ଅଫିସର ଅପରାହ୍ନରେ ରିଲିଭ କରିଦେଇଥିବା ଜଣାପଡିଛି । ଏହାଦ୍ୱାରା ପଦାର୍ଥ ବିଜ୍ଞାନ ବିଷୟରେ ଜଣେ ଅଭିଜ୍ଞ ଓ ବରିଷ୍ଠ ଅଧାପକଙ୍କ ସ୍ଥାନରେ ଅନ୍ୟ ଜଣେ କନିଷ୍ଠ ଅଧାପକ ମୁଖ୍ୟ ପରୀକ୍ଷକ ଭାବେ ଦାୟୀତ୍ୱ ନିର୍ବାହ କରିଥିବା ବେଳେ କେତେଦୂର ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା ଖାତା ସଠିକ ଭାବରେ ମୂଲ୍ୟାୟନ ହୋଇପାରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ? ଅନ୍ୟ ପକ୍ଷରେ ଜଣେ ବରିଷ୍ଠ ଅଧାପକଙ୍କ ନିଯୁକ୍ତିପତ୍ରକୁ ସଠିକ ସମୟ ମଧ୍ୟରେ ନପଠାଇ ଏଭଳି ଦାୟୀତ୍ୱ ହୀନ କାର୍ଯ୍ୟ କରିଥିବା ସଂପୃକ୍ତ ଅଧାପକ ଓ କର୍ମଚାରୀଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା ।

## ରାଜଧାନୀରେ ଲଜ୍ଜା
### ୫ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ପରେ ହତ୍ୟା



**ଭୁବନେଶ୍ୱର(ଏନ୍.ଏମ୍.) :** ଦେଶର ରାଜଧାନୀରେ ଅତ୍ୟନ୍ତ ଲଜ୍ଜା ଓ ଭୟଙ୍କର ଘଟଣା ଘଟିଛି । ଜଣେ ୫ ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଛି । ଦିଲ୍ଲୀର ବାୱାନା ଅଞ୍ଚଳରେ କିଛି ଦିନ ତଳେ ଘଟଣା ଘଟିଥିଲା । ନାବାଳିକାଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ଜଣକ ମୃତଦେହକୁ ବାୱାନାରେ ଥିବା ଗୋଟିଏ ଫ୍ୟାକ୍ଟ୍ରୀ ଭିତରେ ଲୁଚାଇ ଦେଇଥିଲା । ପୁଲିସ୍ କହିଛି ଯେ ଅଭିଯୁକ୍ତ ଜଣକ ଚକଲେଟ ଦେବା ନାଁରେ ନାବାଳିକାଙ୍କୁ ନିଜ ପାଖକୁ ଆଣିଥିଲା । ଏହାପରେ ତାଙ୍କୁ ଗୋଟିଏ ନିଛାଟିଆ ଅଞ୍ଚଳକୁ ନେଇ ଯାଇଥିଲା । ସେଠାରେ ସେ ପ୍ରଥମେ ତାଙ୍କୁ ଦୁଷ୍କର୍ମ କରିଥିଲା । ଏହାପରେ ତାଙ୍କୁ ତଣ୍ଟି ଚିପି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା । ହତ୍ୟା ପରେ ସେ ମୃତଦେହକୁ ସ୍ଥାନୀୟ ଅଞ୍ଚଳରେ ଥିବା ଗୋଟିଏ ଫ୍ୟାକ୍ଟ୍ରୀ ଭିତରେ ଲୁଚାଇ ଦେଇ ଫେରାର ହୋଇ ଯାଇଥିଲା । କିନ୍ତୁ ଝିଅଟିର ପରିବାର ଲୋକ ଖୋଜା ଖୋଜି କରି ହତାଶ ହେବାରୁ ପୁଲିସ୍କୁ ଖବର ଦେଇଥିଲେ । ପୁଲିସ୍ ସ୍ଥାନୀୟ ଅଞ୍ଚଳର ସିସିଟିଭିକୁ ଯାଞ୍ଚ କରିବାରୁ ନାବାଳିକାଙ୍କୁ ଅଭିଯୁକ୍ତ ଜଣକ ନିଜ ସହ ନେଇ ଯାଉଥିବା ଦୃଶ୍ୟ ସାମ୍ନାକୁ ଆସିଥିଲା । ପୁଲିସ ଏହାକୁ ଆଧାର କରି ପ୍ରଥମେ ଅଭିଯୁକ୍ତ ବ୍ୟକ୍ତି ପାଖରେ ପହଞ୍ଚିଥିଲା । ତାକୁ ଗିରଫ କରିବା ପରେ ଫ୍ୟାକ୍ଟ୍ରୀ ଭିତରୁ ମୃତଦେହକୁ ଉଦ୍ଧାର କରାଯାଇଛି । ପୁଲିସ୍ ଏବେ ଘଟଣାର ଅଧିକ ତଦନ୍ତ କରୁଥିବା ବିସ୍ତୃତ ସୂଚନା ମିଳି ପାରି ନାହିଁ ।

## ଅନ୍ଧାରରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ : ଅଧା ଜଳୁଛି, ଅଧା ଖରାପ



**ପୁରୀ(ଏନ୍.ଏମ୍.) :** ଅନ୍ଧାରରେ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥ । ଆରମ୍ଭରୁ ଆଲୋକୀକରଣ ବ୍ୟବସ୍ଥା ଫେଲ୍ । ଲାଗିଥିବା ଷ୍ଟ୍ରିଟ୍ଲାଇଟ୍ରୁ ଅଧା ଜଳୁଥିବା ବେଳେ ଅଧା ଖରାପ ଅବସ୍ଥାରେ । ଫଳରେ ସନ୍ଧ୍ୟା ଗଡ଼ିଲେ ଏହି ରାଜପଥରେ ଅନ୍ଧାର ରାଜୁତି କରୁଛି । ଫଳରେ ଦିନକୁ ଦିନ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଦୁର୍ଘଟଣା ସଂଖ୍ୟା ବଢ଼ିଚାଲିଛି । ଘନ ଅନ୍ଧକାର ଯୋଗୁଁ ଅକାଳରେ ମୁଣ୍ଡ ଗଡୁଛି । ଏଥିସହ ଚୋରି, ରାହାଜାନି ବି ବଢ଼ିଚାଲିଛି । ୨୦୨୨ ମସିହା ପହିଲାରୁ ଜାତୀୟ ରାଜପଥ ଆଲୋକୀକରଣ ପ୍ରକଳ୍ପ କାମ ଆରମ୍ଭ ହୋଇଥିଲା । କୋଟି କୋଟି ଟଙ୍କା ଖର୍ଚ୍ଚ କରି ଦାମୀ ଟ୍ୟୁବୁଲାର ପୋଲ୍ ଓ ଏଲଇଡି ଲାଇଟ୍ ଲଗାଗଲା । ୨୦୨୨ ରଥଯାତ୍ରା ପୂର୍ବରୁ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଅଠରନଳାଠାରୁ ପିପିଲି ପର୍ଯ୍ୟନ୍ତ ଶତାଧିକ ଷ୍ଟିଲ୍ ଲାଇଟ୍(ଟ୍ୟୁବୁଲାର ପୋଲ୍) ଲଗାଯାଇଥିଲା । ଲକ୍ଷ୍ୟ ଥିଲା, କୋଭିଡ୍ କଟକଣା ଯୋଗୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦେଖି ପାରିନଥିବା ଭକ୍ତଙ୍କୁ ଭିନ୍ନ ଏକ ଅନୁଭୂତି ଦେବା । ରାଜପଥରେ ଅନ୍ଧକାର ଦୂର କରି ଦୁର୍ଘଟଣା ହ୍ରାସ କରିବା । ପ୍ରକଳ୍ପ ଆରମ୍ଭର ପ୍ରାୟ ୨ ବର୍ଷ ପରେ ଏହି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲା । କିନ୍ତୁ ଦୁର୍ଭାଗ୍ୟ, କାର୍ଯ୍ୟକ୍ଷମର ଅଳ୍ପ କେଇଦିନ ଭିତରେ ବହୁ ଷ୍ଟ୍ରିଟ୍ଲାଇଟ୍ ଅଚଳ ହୋଇପଡ଼ିଛି । ସେ ପୁରୀ ହେଉ କି ଚନ୍ଦନପୁର, ସାକ୍ଷୀଗୋପାଳ, ସମଯାଜପୁର ହେଉ କି ପିପିଲି, ସବୁଠି ସମାନ ସ୍ଥିତି ଦେଖିବାକୁ ମିଳିଛି । ବହୁ ଷ୍ଟ୍ରିଟ୍ଲାଇଟ୍ ଜଳୁ ନଥିବାରୁ ଚାଳକମାନେ ଘନ ଅନ୍ଧକାରରେ ରାସ୍ତା ଜାଣି ନ ପାରି ଡିଭାଇଡରରେ ପିଟି ହେଉଛନ୍ତି । ଆଉ କେହି କେହି ରାସ୍ତା ତଳକୁ ଖସି ପଡୁଛନ୍ତି । ବେଳେ ବେଳେ ଅନ୍ଧାର ରାତିରେ ଶୋଇଥିବା ଗାଈଗୋରୁଙ୍କ ସହ ପିଟି ହୋଇ ମୃତାହତ ହେଉଛନ୍ତି । ଅନ୍ୟପଟେ, ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥରେ ଯା'ଆସ ପାଇଁ ଏନ୍ଏଚ୍ଏଆଇ ପକ୍ଷରୁ ପିପିଲି ଟୋଲ୍ ଗେଟ୍ରେ ଗାଡ଼ି ଚାଳକଙ୍କଠାରୁ ଦୈନିକ କୋଟି କୋଟି ଟଙ୍କାର ଟୋଲ୍ ଆଦାୟ ହେଉଛି । କିନ୍ତୁ ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ(ଏନ୍ଏଚ୍ଏଆଇ) ଯେଉଁ ପରିମାଣର ରାଜସ୍ୱ ଗୋଟାଉଛି, ସେହି ପରିମାଣରେ ଲୋକଙ୍କୁ ସେବା ଦେବାରେ ବିଫଳ ହୋଇଛି ।

## ଫମ୍ପା ମାଟିରେ ଆକାଶଛୁଆଁ ଅଟ୍ଟାଳିକା : ଭୂକମ୍ପ ଜୋନରେ ତାଳଚେର, କେହି ମାନୁ ନାହାନ୍ତି ମାର୍ଗଦର୍ଶିକା



**ତାଳଚେର(ଏନ୍.ଏମ୍.) :** ତାଳଚେର ସହର ଭୂକମ୍ପପ୍ରବଣ ଜୋନରେ ରହିଛି । ତଥାପି ସହରରେ ଅନେକ ସ୍ଥାନରେ ନିର୍ମାଣ କରାଯାଇଛି ଆକାଶଛୁଆଁ କୋଠା । ଭୂମିକମ୍ପରେ କ୍ଷତିଗ୍ରସ୍ତ ହୋଇପାରୁ ନଥିବା ଅଟ୍ଟାଳିକା ନିର୍ମାଣ ପାଇଁ ଦୃଷ୍ଟିଦେବାକୁ ସରକାର ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ କୌଣସି ସଂସ୍ଥା ସରକାରୀ ନିର୍ଦ୍ଦେଶ ମୁତାବକ ଅଟ୍ଟାଳିକା ନିର୍ମାଣ କରୁନାହାନ୍ତି । ତାଳଚେର ସହରରେ ରହିଛି ଭୂତଳ କୋଇଲା ଖଣି । ସହରର ଭୂଗର୍ଭ କେତେକ ସ୍ଥାନରେ ଫମ୍ପା । ତେଣୁ ଭୂମିକମ୍ପ ହେଲେ ବହୁ ଧନଜୀବନ ହାନି ହେବାର ଆଶଙ୍କା ରହିଛି । ଭୂମିକମ୍ପ ଜନିତ କ୍ଷୟକ୍ଷତି ହ୍ରାସ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର 'ଅର୍ବାନ ଆର୍ଥେକ୍ୱେକ୍ ଭଲନେରେବିଲିଟି ରିଡକସନ୍ ପ୍ରୋଗ୍ରାମ୍ (ୟୁଇଭିଆରପି) ଆରମ୍ଭ କରିଥିଲେ । କେନ୍ଦ୍ର ସରକାର ଦେଶର ବିଭିନ୍ନ ଭୂକମ୍ପପ୍ରବଣ ଅଞ୍ଚଳ ଚିହ୍ନଟ କରିବା ସହିତ ସମ୍ପୃକ୍ତ ଅଞ୍ଚଳରେ ଭୂକମ୍ପ ଆଶଙ୍କାକୁ କମାଇବା ପାଇଁ ୟୁଇଭିଆରପି ଯୋଜନା ପ୍ରଣୟନ କରିଥିଲେ । ତାଳଚେର ଭୂକମ୍ପ ପ୍ରବଣ ଅଞ୍ଚଳ ହୋଇଥିବାରୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିପର୍ଯ୍ୟୟ ପ୍ରଶମନ ପାଇଁ ୨୦୦୪ ମସିହାରେ ଏକ କମିଟି ଗଠନ ହୋଇଥିଲା । ଜିଲ୍ଲା ପ୍ରଶାସନ, ତାମଡ଼ା କର୍ତ୍ତୃପକ୍ଷ, ତାଳଚେର ପୌରପ୍ରଶାସନ ଏବଂ ଅଗ୍ନିଶମ ବିଭାଗ ଏହି କମିଟିରେ ଥିଲେ । କମିଟିର ନିଷ୍ପତ୍ତି ମୁତାବକ ଭୂକମ୍ପ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ସ୍ଥାନ ଚିହ୍ନଟ କରି ହୋର୍ଡିଂ ଲଗାଯାଇଥିଲା । କିନ୍ତୁ ଭୂକମ୍ପ ବିରୋଧୀ କୋଠା ନିର୍ମାଣ ପାଇଁ କୌଣସି ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପଦକ୍ଷେପ ନିଆଯାଇ ନାହିଁ । ସୂଚନାଯୋଗ୍ୟ ଯେ ୨୦୧୮ ମସିହାରେ ତାଳଚେରର କେତେକ ସ୍ଥାନରେ ଘର, ଖୋଲାଜାଗା, ଚାଷ ଜମି ଆଦି ଭୂଗର୍ଭକୁ ଭୁଶୁଡ଼ି ପଡ଼ିଥିଲା । ଏହାପରେ ଖଣି କର୍ତ୍ତୃପକ୍ଷ ମାଟିତଳ ଫମ୍ପା ସ୍ଥାନରେ ବାଲି ଭର୍ତ୍ତି କରିବା କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ବର୍ତ୍ତମାନ ସୁଦ୍ଧା ତାଳଚେର ସହର ହାଟତୋଟା ରୋଡ଼ ଅଞ୍ଚଳରେ ଭୂଗର୍ଭ ଫମ୍ପା ରହିଥିବାରୁ ବାଲି ଭର୍ତ୍ତି କାର୍ଯ୍ୟ ଜାରିରହିଛି । ତାଳଚେର ଅଞ୍ଚଳ ଭୂଗର୍ଭ ଫମ୍ପା ଥିବାରୁ ଅଞ୍ଚଳରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ଉପରେ ପ୍ରଶାସନ ପକ୍ଷରୁ କଟକଣା ଲାଗିଥିଲା । ତେବେ କମିଟି ଗଠନ ହେବାର ପ୍ରାୟ ୧୯ ବର୍ଷ ବିତି ଯାଇଥିଲେ ସୁଦ୍ଧା ୟୁଇଭିଆରପି ଯୋଜନା ପ୍ରଶାସନର ଫାଇଲ୍ ଭିତରେ ପଡ଼ିରହିଛି ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ମରଣୋତ୍ତର ଭାବେ ...

ଆରଏସଏସ ସହ ଜଡିତ ତୃତୀୟ ନେତା । ଶନିବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ୪ ଜଣ ବ୍ୟକ୍ତି ବିଶେଷଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ, ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିହ୍ମା ରାଧ, ବିହାର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୂରୀ ଠାକୁର ଓ କୃଷି ବୈଜ୍ଞାନିକ ଡଃ.ଏମ୍ଏସ୍ ସ୍ୱାମୀନାଥନ ସାମିଲ ଥିଲେ । ତେବେ ସ୍ୱାସ୍ଥାବସ୍ଥା ଠିକ ନଥିବାରୁ ଶନିବାର ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଉପସ୍ଥିତ ହୋଇ ପାରିନଥିଲେ ଆଡଭାନୀ ।

## ଆସିଲା ବିଜେଡିର ...

ସେହିପରି ଲୋକସଭା ନିମନ୍ତେ ବିଜେଡି ସମ୍ବଲପୁରରୁ ପ୍ରଣବ ପ୍ରକାଶ ଦାସଙ୍କୁ ପ୍ରାର୍ଥୀ ଭାବେ ଛିଡ଼ା କରିଥିବା ବେଳେ କଳାହାଣ୍ଡିରୁ ଲମ୍ବୋଦର ନିଆଲ, ସୁନ୍ଦରଗଡ଼ରୁ ଦିଲୀପ ତିର୍କୀ, ମୟୂରଭଞ୍ଜରୁ ସୁଦାମ ମାରାଣ୍ଡି, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି ଦଳ । ଏଥିସହ ନବରଙ୍ଗପୁରରୁ ପ୍ରଦୀପ ମାଝୀ, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, କୋରାପୁଟରୁ କୌଶଲ୍ୟା ମାଝୀ, ଆସିକାରୁ ରଞ୍ଜିତା ସାହୁଙ୍କୁ ମଧ ଦଳ ପ୍ରାର୍ଥୀ କରିଛି । ସେହିଭଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ବିଷମ କଟକରୁ ଜଗନ୍ନାଥ ସାରକା, ଗୁଣପୁରରୁ ରଘୁନାଥ ଗମାଙ୍ଗ, ରାୟଗଡ଼ାରୁ ଅନୁଶୟା ମାଝୀ, ବରଗଡ଼ରୁ ଦେବେଶ ଆଚାର୍ଯ୍ୟ, ବିଜେପୁରରୁ ରୀତା ସାହୁ, ଅତାବିରାରୁ ସ୍ନେହାଙ୍ଗିନୀ ଛୁରିଆ, ଭଟଲିରୁ ସୁସାନ୍ତ ସିଂହ, ଜଳେଶ୍ୱରରୁ ଅଶ୍ୱିନୀ ପାତ୍ର, ବସ୍ତାରୁ ସୁଭାଶିନୀ ଜେନା, ଭଣ୍ଡାରୀ ପୋଖରୀରୁ ସଞ୍ଜିବ ମଲ୍ଲିକ, ଭଦ୍ରକରୁ ପ୍ରଫୁଲ୍ଲ ସମାଲ, ବାସୁଦେବ ପୁରରୁ ବିଷ୍ଣୁବ୍ରତ ରାଉତରାୟ, ଯାଜପୁରରୁ ସୁଜାତା ସାହୁ, ସୁକିନ୍ଦାର ପ୍ରୀତିରଞ୍ଜନ ଘଡେଇ, ଢେଙ୍କାନାଳରୁ ସୁଧୀର କୁମାର ସାମଲ, କାମାକ୍ଷାନଗରରୁ ପ୍ରଫୁଲ୍ଲ ମଲ୍ଲିକ, ପର୍ଜଙ୍ଗରୁ ନୃସିଂହ ସାହୁ, ପାଲହଡ଼ାରୁ ମୁକେଶ ପାଲ, ଛେଣ୍ଡିପଦାରୁ ସୁଶାନ୍ତ କୁମାର ବେହେରା, ସୋନପୁରରୁ ନିରଞ୍ଜନ ପୁଜାରୀ, ଲୋଇସିଙ୍ଗାରୁ ନିହାର ବେହେରା, ପାଟଣାଗଡ଼ରୁ ସରୋଜ ମେହେରା, ବଲାଙ୍ଗୀରରୁ କଳିକେଶ ସିଂହ ଦେଓ, ଟିଟିଲାଗଡ଼ରୁ ଟୁକୁନି ସାହୁ, ନୂଆପଡ଼ାରୁ ରାଜେନ୍ଦ୍ର ଡୋଲକିଆ, ଉମରକୋଟରୁ ନବୀନ ନାୟକ, ଝରୀଗ୍ରାମ ରମେଶ ମାଝୀ, ନବରଙ୍ଗପୁର, କୌଶଲ୍ୟା ପାଣିଗ୍ରାହୀ, ଡାବୁଗାମ ମନୋହର ରଣଧାରୀ, ଲାଞ୍ଜିଗଡ଼ରୁ ପ୍ରଦୀପ ଦୀଶାରୀ, ଜୁନାଗଡ଼ରୁ ଦିବ୍ୟଙ୍କର ମିଶ୍ର, ଧର୍ମଗଡ଼ରୁ ପୁଷ୍ପେନ୍ଦ୍ର ସିଂହଦେଓ, ଭବାନୀପାଟଣା ଲତିକା ନାୟକ, ଜି. ଉଦୟଗିରୀରୁ ସାଲୁଗା ପ୍ରଧାନ, କନ୍ଧମାଳରୁ ମହିଧର ରଣା, ବୌଦ୍ଧରୁ ପ୍ରଦୀପ ଅମାତ, ବଡମ୍ବାରୁ ଦେବୀ ମିଶ୍ର, ବାଙ୍କୀରୁ ଦେବୀ ତ୍ରିପାଠୀ, ଆଗଠତରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଚୌଦ୍ୱାର-କଟକରୁ ସୌଭିକ ବିଶ୍ୱାଳ, ନିଆଳି ପ୍ରମୋଦ ମଲ୍ଲିକ, କଟକ ସଦର ଚନ୍ଦ୍ରସାରଥୀ ବେହେରା, ପାଟକୁରା ଅରବିନ୍ଦ ମହାପାତ୍ର, ଆଳିରୁ ପ୍ରତାପ ଦେବ, ରାଜନଗର ଧ୍ରୁବ ସାହୁ, ମହାକାଳପଡ଼ାରୁ ଅତନୁ ସବ୍ୟସାଚୀ ନାୟକ, ପୁରୀରୁ ସୁନିଲ ମହାନ୍ତି, ବ୍ରହ୍ମଗିରିରୁ ଉମା ସାମନ୍ତରାୟ, ସତ୍ୟବାଦୀରୁ ସଞ୍ଜୟ ଦାସ ବର୍ମା, ପିପିଲିରୁ ରୁଦ୍ର ମହାରଥୀ, ଜଟଣୀରୁ ବିଭୁତି ବଳବନ୍ତରାୟ, ରଣପୁରରୁ ସତ୍ୟ ପ୍ରଧାନ, ଦଶପଲ୍ଲାରୁ ରମେଶ ବେହେରା, ନୟାଗଡ଼ରୁ ଅରୁଣ କୁମାର ସାହୁ, ଭଞ୍ଜନଗରରୁ ବିକ୍ରମ ଆରୁଖ, ପୋଲସରାରୁ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ଲତିକା ପ୍ରଧାନ, ଛତ୍ରପୁରରୁ ସୁବାସ ବେହେରାଙ୍କ ନାମ ଘୋଷଣା କରାଯାଇଛି ।

## ମ୍ୟାଚ ଫିକସିଂ ହୋଇଛି ...

ହୋଇଯାଇଛି । ନିର୍ବାଚନ ମଧରେ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହୋଇଯାଇଛି । ଟଙ୍କା ଦେଇ ସରକାରକୁ ଭଙ୍ଗାଯାଉଛି । ସେ କହିଛନ୍ତି ଯେ ଯେଉଁ ଦିନ ସମ୍ବିଧାନ ଶେଷ ହେବ, ଭାରତ ବଞ୍ଚିବ ନାହିଁ । ସମ୍ବିଧାନ ହେଉଛି ଭାରତର ଲୋକଙ୍କ ସ୍ୱର । ଆପଣ ଭାରତର ସ୍ୱରକୁ ଦମନ କରିପାରିବେ ନାହିଁ ।

## ସାଧାରଣ ନିର୍ବାଚନ : ଏଥର ସମ୍ବଲପୁରରେ ...

ଏଠାରୁ ପ୍ରାର୍ଥୀ ହୋଇଛନ୍ତି । ଫଳରେ, ଦୁଇ ଦଳର ଆଗଧାଡ଼ିର ନେତୃତ୍ୱ ଏଠାରୁ ପ୍ରାର୍ଥୀହେବା ପରେ ଏଠାକାର ନିର୍ବାଚନ ମହାଲଢ଼େଇର ରୂପନେବ ବୋଲି ଏବେ ଠାରୁ କୁହାଯାଉଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଉଭୟ ଧର୍ମେନ୍ଦ୍ର ଓ ପ୍ରଣବ ସମ୍ବଲପୁର ଲୋକସଭା କ୍ଷେତ୍ର ବାହାରର ବାସିନ୍ଦା । ଧର୍ମେନ୍ଦ୍ର ଅନୁଗୁଳ ଜିଲ୍ଲାର ବାସିନ୍ଦା ଏବଂ ଏହି ଜିଲ୍ଲାର ଦୁଇଟି ବିଧାନସଭା କ୍ଷେତ୍ର ଛେଣ୍ଡିପଦା ଓ ଆଠମଲ୍ଲିକ ସମ୍ବଲପୁର ଲୋକସଭା କ୍ଷେତ୍ରରେ ରହିଛି । ଅପରପକ୍ଷରେ ଏହି ଲୋକସଭା କ୍ଷେତ୍ର ଅନ୍ତର୍ଗତ ୩ଟି ବିଧାନସଭା ଆସନ ସମ୍ବଲପୁର, ଦେବଗଡ଼ ଓ ରେଙ୍ଗାଲି ବର୍ତ୍ତମାନ ବିଜେପି ଅକ୍ତିଆରରେ ଥିବା ବେଳେ କୁଚିଣ୍ଡା, ରେଢ଼ାଖୋଲ, ଛେଣ୍ଡିପଦା କ୍ଷେତ୍ରରେ ଦଳୀୟ ସଂଗଠନ ସୁଦୃଢ଼ ହୋଇଛି । ଚଷାଜାତି ବହୁଳ ଆଠମଲ୍ଲିକ, ଛେଣ୍ଡିପଦା, ଦେବଗଡ଼, ରେଢ଼ାଖୋଲ ବିଧାନସଭା କ୍ଷେତ୍ର ଧର୍ମେନ୍ଦ୍ରଙ୍କ ପାଇଁ ସହଜ ହୋଇପାରେ ବୋଲି ରାଜନେ ?ତିକ ମହଲରେ ଆଲୋଚନା ହେଉଛି । ଅପରପକ୍ଷରେ ରାଜନୈତିକ ଗୋଟିଚାଳନାରେ ବେଶ୍ ସିଦ୍ଧହସ୍ତ ହେଉଛନ୍ତି ପ୍ରଣବ । ତାଙ୍କର ମଧ ଦୃଢ଼ ସାଙ୍ଗଠନିକ ଦକ୍ଷତା ରହିଛି । ସମ୍ବଲପୁର ଜିଲ୍ଲାର ପର୍ଯ୍ୟବେକ୍ଷକଭାବେ ଅଂଚଳର ଛୋଟବଡ଼ ଦଳୀୟ କର୍ମୀମାନଙ୍କ ସହିତ ତାଙ୍କର ବେଶ୍ ସମ୍ପର୍କ ରହିଛି । ଫଳରେ, ଦଳୀୟ ପ୍ରଭାବ ସହିତ ଅଂଚଳବାସୀଙ୍କ ମନ ଜିଣିବା ପାଇଁ ସେ ନିଶ୍ଚିତଭାବେ ଶତ ପ୍ରତିଶତ ଉଦ୍ୟମ କରିବେ ବୋଲି କୁହାଯାଉଛି । ଆଗାମୀଦିନରେ ଏହି ହାଇପ୍ରୋଫାଇଲ୍ ବା ମହାଲଢ଼େଇ କିଭଳି ରୂପ ନେଉଛି, ତାହା ଏବେ ଦେଖିବାକୁ ବାକି ରହିଲା ।

## ଜାଲରେ ପଡ଼ିଲେ ରାଜଧାନୀର ...

ପୁଲିସ୍ । ଏଥିସହ ଗୋଟିଏ ଅଟୋ, ଏଟ୍ରିଭେନ୍-୨ ଏମଜିଓ ଏଟ୍ରିଭେନ୍- ୧ ଏମ୍ଜି ଟେବ୍ଲେଟ୍ ଜବତ କରିଥିଲେ । ଏହି ଔଷଧ ବାଲେଶ୍ୱରରୁ କିଣିଥିଲେ । ତେବେ ବାଲେଶ୍ୱରରୁ କେଉଁ ଔଷଧ ଦୋକାନରୁ କିଣିଥିଲେ ତାହା ଜଣାପଡ଼ି ନାହିଁ । କମିଶନରେଟ୍ ପୁଲିସ୍ ତାହା ଉପରେ ତଦନ୍ତ ଚଳାଇଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ଭିତରୁ ବୁଦ୍ଧିରାମଙ୍କ ବିରୋଧରେ ୧୨ଟି ମାମଲା ରହିଥିବା ବେଳେ ଗୁଡୁଙ୍କ ନାଁରେ ଗୋଟିଏ ମାମଲା ରହିଛି ।

## ବିଜେଡି ଛାଡ଼ିଦେଲେ ୪ ...

୨୦୧୪ରେ ସେ ବ୍ରହ୍ମପୁର ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ । ୨୦୧୯ରେ ଦଳ ଆଉ ତାଙ୍କୁ ଟିକେଟ ଦେଇ ନଥିଲା । ତାଙ୍କ ବଦଳରେ ଚନ୍ଦ୍ରଶେଖର ସାହୁଙ୍କୁ ଦଳ ଟିକେଟ ଦେଇଥିଲା । ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ । ୨୦୦୪ରେ କଂଗ୍ରେସ ଟିକେଟ୍ରେ ସେ ବ୍ରହ୍ମପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ୨୦୦୯ ଓ ୨୦୧୪ରେ ସିଦ୍ଧାନ୍ତ ମହାପାତ୍ରଙ୍କଠାରୁ ପରାସ୍ତ ହୋଇଥିଲେ ଚନ୍ଦ୍ରଶେଖର ସାହୁ । ଅବଶ୍ୟ ୨୦୨୪ ନିର୍ବାଚନ ପାଇଁ ବିଜେଡି ଏଯାବତ ବ୍ରହ୍ମପୁର ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ । ଦଳ ୨୧ଟିରୁ ୧୫ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ ସୁଦ୍ଧା ତା' ଭିତରେ ବ୍ରହ୍ମପୁର ନାହିଁ । ଆଜି ଆକାଶ ଦାସ ନାୟକ ଓ ଅନୁଭବ ମହାନ୍ତି ବିଜେଡିରୁ ଇସ୍ତଫା ଦେଇଛନ୍ତି । ଆକାଶ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କୋରେଇର ବିଧାୟକ ଥିଲେ । ୨୦୧୯ରେ ବିଜେଡି ତାଙ୍କୁ ଟିକେଟ ଦେଇ ନଥିଲା । ୨୦୨୪ ବିଧାନସଭା ନିର୍ବାଚନ ପାଇଁ ବିଜେଡି ଏଯାଏଁ କୋରେଇ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ । ତେବେ ଆକାଶ ବୋଧେ ଇସାରା ପାଇଯାଇଥିଲେ ଯେ ତାଙ୍କୁ ଏଥର ବି ଟିକେଟ ମିଳୁ ନାହିଁ । ଆଜି ବିଜେଡି ଛାଡ଼ିବା ପରେ ଆକାଶ କହିଛନ୍ତି, ମୋର ଜନ୍ମମାଟି କୋରେଇ ମା'ର ସେବା କରିବା ପାଇଁ ରାଜନୀତିରେ ଯୋଗ ଦେଇଥିଲି । ୨୦୧୯ ମସିହାରେ ମୋର ଟିକେଟ ବିନା କାରଣରେ କାଟି ଦିଆଯାଇଥିଲା । ହେଲେ ବିନା ପ୍ରତିବାଦରେ ମୁଁ ଦଳ ସହିତ ଥିଲି ଓ ଶୃଙ୍ଖଳାର ସହ କାମ କରୁଥିଲି । ୫ ବର୍ଷ ବିଧାୟକ ନଥାଇ ମଧ ମୁଁ ଦଳ ପାଇଁ କଠିନ ପରିଶ୍ରମ କରିଛି । ଖରା ହେଉ ବା ବର୍ଷା ମୁଁ ଦଳ ପାଇଁ ପ୍ରଚାର କରିଛି । ଏତେ ସବୁ ପରେ ମଧ ଦଳ ମୋ ଗୁରୁତ୍ୱ ବୁଝିପାରିଲାନାହିଁ । ସେଥିପାଇଁ ମୁଁ ଦଳ ଛାଡ଼ିଦେଲି ।୨୦୧୯ରେ ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଅନୁଭବ ମହାନ୍ତି । ଏହା ପୂର୍ବରୁ ଅନୁଭବ ବିଜେଡି ଟିକେଟରେ ରାଜ୍ୟସଭାକୁ ଯାଇଥିଲେ । ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେଡି କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି । ଅଂଶୁମାନ କିଛି ଦିନ ତଳେ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ । ଟିକେଟ୍ କଟିଯିବା ପରେ ଅନୁଭବ ଦଳ ଛାଡ଼ିବେ ବୋଲି ଆଲୋଚନା ହେଉଥିଲା । ଗତ କିଛି ବର୍ଷ ହେଲା ପାରିବାରିକ ବିବାଦରେ ଫସି ଯାଇଥିବା ଅନୁଭବ ମହାନ୍ତି ଦଳରେ ମଧ କୋଣଠେସା ହୋଇ ରହିଯାଇଥିଲେ । ତାଙ୍କୁ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ କରାଯାଉ ନଥିଲା । ଗତ ପଞ୍ଚାୟତ ନିର୍ବାଚନରେ ଅନୁଭବଙ୍କୁ ଷ୍ଟାର ପ୍ରଚାରକ ତାଲିକାରୁ ବାଦ୍ ଦିଆଯାଇଥିଲା ।

# ଟିକେଟ୍ ଘୋଷଣାକୁ ନେଇ ଦୋ-ଛକିରେ ୩ ଦଳ

**ଭୁବନେଶ୍ୱର(ଏନ୍.ଏମ୍.) :** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବା ଆରମ୍ଭ ହୋଇଥିଲେ ମଧ ସମସ୍ତ ରାଜନୈତିକ ଶିବିରରେ ଏବେ ସେନା ପ୍ରସ୍ତୁତ ହୋଇନଥିବା କୁହାଯାଉଛି । ଗତ ମାର୍ଚ୍ଚ ୨୭ରେ ଆସିଲା ବିଜେଡିର ପ୍ରଥମ ପ୍ରାର୍ଥୀ ତାଲିକା । ଦୁଇ ଦଫାରେ ୧୫ ଜଣିଆ ଲୋକସଭା ପ୍ରାର୍ଥୀ ଓ ୭୨ ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି । ଏହାପରେ ଦଳ ଛାଡୁଛନ୍ତି ଜଣଙ୍କ ପରେ ଜଣେ ସାଂସଦ, ବିଧାୟକ, ନେତା । ଆଉ ପ୍ରାୟ ସମସ୍ତେ ସିଧା ମାରୁଛନ୍ତି ପଦ୍ମ ପୋଖରୀକୁ ଡିଆଁ । ଏଇ ଯେମିତି କାଲି ଶଙ୍ଖ ଛାଡୁ ଛାଡୁ ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପଦ୍ମ ଧରିଥିଲେ । ଆଉ ପଦ୍ମ ଗାମୁଛା ବେକରେ ପକେଇଛନ୍ତି କାଲି ବିଜେଡି ଛାଡ଼ିଥିବା କୋରେଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ । ତେଣେ ଦଳରେ ବଢୁଥିବା ଅସନ୍ତୋଷକୁ ନେଇ ଟେନସନରେ ବିଜେଡି ସୁପ୍ରିମୋ । କୁହାଯାଉଛି ଏଣିକି ବିଜେପି ତାଲିକାକୁ ଦେଖି ଦଳ ତାର ପରବର୍ତ୍ତୀ ପ୍ରାର୍ଥୀ ଘୋଷଣା କରିବ । ସେଇଥିପାଇଁ ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେଉଥିବା ୨୮ ବିଧାନସଭା ଆସନ ମଧ୍ୟରୁ ୯ଟି ସିଟ୍ ପାଇଁ ଯଦିଓ ଅଙ୍କକଷା ଶେଷ ହୋଇଛି ହେଲେ ତାଲିକା ପ୍ରକାଶ କରାଯାଉନି । ଏବେ ବି ବିବାଦ ଥିବା ନିର୍ବାଚନ ମଣ୍ଡଳୀର ନେତାଙ୍କୁ ଡାକି ନବୀନ ନିବାସରେ ଘନ ଘନ ବୁଝାସୁଝା ଚାଲିଛି । ସେହିପରି ବିଜେପି ଏହା ଭିତରେ ଦୁଇ ଦଫାରେ ସମସ୍ତ ୨୧ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରି ସାରିଥିଲେ ବି ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣାକୁ ଝୁଲାଇ ରଖିଛି । କୁହାଯାଉଛି ପାଖାପାଖି ଶହେ ନାଁ ଚୂଡ଼ାନ୍ତ ହୋଇଥିଲା ବେଳେ ବାକି ଆସନକୁ ନେଇ ଅଙ୍କକଷା ଜାରି ରହିଛି । ଅନ୍ୟପଟେ ମାର୍ଚ୍ଚ ପ୍ରଥମ ସପ୍ତାହରେ ୬୦ନାଁ ଘୋଷଣା କରିବାକୁ କହିଥିବା କଂଗ୍ରେସ କିନ୍ତୁ ମାସ ପୂରିଗଲା ସିନା ଜଣେ ବି ପ୍ରାର୍ଥୀଙ୍କ ନାଁ ଘୋଷଣା କରି ପାରିଲାନି । ଏସବୁ ଭିତରେ ଟିକେଟ୍ ଘୋଷଣାକୁ ନେଇ ତିନି ଦଳରେ ରାଜନୈତିକ ବୟାନବାଜି ବି ତେଜିଛି । ସସ୍ମିତ ପାତ୍ର ବିଜେଡି ସାଂସଦ କହିଛନ୍ତି, ପ୍ରାର୍ଥୀ ନଥିବାରୁ ପଦ୍ମଦଳ ଏଯାଏଁ ଗୋଟିଏ ବି ବିଧାନସଭା ଆସନରେ ପ୍ରାର୍ଥୀ ଦେଇ ପାରିନି । ସମୀର ମହାନ୍ତି ପୂର୍ବତନ ରାଜ୍ୟ ସଭାପତି ବିଜେପି କହିଛନ୍ତି, କାହାର ସାର୍ଟିଫିକେଟ୍ ଆମର ଦରକାର ନାହିଁ । ସରକାରକୁ କ୍ଷମତାରୁ ହଟାଇବାକୁ ଦଳ ପାଖରେ ବଛାବଛା ପ୍ରାର୍ଥୀ ଅଛନ୍ତି । ଶରତ ପଟ୍ଟନାୟକ ପିସିସି ସଭାପତି କହିଛନ୍ତି, ସେଇ ଘୋଷା, ନାଁ ପଠେଇଛୁ, ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ।

# ଉପଖଣ୍ଡସ୍ତରୀୟ ଆଦିବାସୀ ଶବର ସମାଜର କାର୍ଯ୍ୟକାରିଣୀ ସଭା



**ପାଟଣାଗଡ (ଏନ୍.ଏମ୍.) :** ଗଡ଼ଭିତର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆଦିବାସୀ ଶବର/ସହରା ସମାଜର କାର୍ଯ୍ୟକାରିଣୀ ସଭା ଅନୁଷ୍ଠିତ ହୋଇଯାଇଛି । ସଭା ପୂର୍ବରୁ ଶବର ସହରାମାନଙ୍କ ଇଷ୍ଟ ଦେବତା ଶବରୀ ନାରାୟଣ, ନୀଳମାଧବ, ଦାରୁବ୍ରହ୍ମଙ୍କ ପୂଜାର୍ଚ୍ଚନା ଏବଂ ବନ୍ଦନା କରାଯାଇଥିଲା । ଉପଖଣ୍ଡସ୍ତରୀୟ ଶବର ସମାଜ ସଭାପତି ଚନ୍ଦ୍ରମଣି ଶବରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗ ଦେଇଥିଲେ । ଓଡିଶା ଆଦିବାସୀ ତାଲିକା ଅନୁସାରେ ରାଜ୍ୟରେ ଚଉଷଠି ଆଦିବାସୀ ସମ୍ପ୍ରଦାୟ ଅଛନ୍ତି । ସେଥିମଧରେ କ୍ରମିକ ସଂଖ୍ୟା ୫୯ ରେ ଶବର, ସହରା, ସଓରା, ସଅର, ଜାରା ସଓରା, ଭିମା ସଓରା, ଯଦୁ ସଓରା, ଚୁମୁରା ସଓରା, ଯତି ସଓରା, ଟଙ୍କଳା ସଓରା, କଳାପୀଠିଆ ସଓରା, ବସୁ ସଓରା, ପତର ସଓରା, ଲାଞ୍ଜିଆ ସଓରା, ଓଡ଼ିଆ ସଓରା, ସୁଦ୍ଧ ସଓରା ଅନ୍ୟତମ । ଓଡିଶାରେ ଶବରମାନଙ୍କ ଜନସଂଖ୍ୟା ସର୍ବାଧିକ ୨୦ଲକ୍ଷରୁ ଉର୍ଦ୍ଧ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ମଧ ସହରା ସମ୍ପ୍ରଦାୟର ଜନସଂଖ୍ୟା ୧ଲକ୍ଷରୁ ଅଧିକ । ଉଚ୍ଚ ଶିକ୍ଷା, ଅର୍ଥନୈତିକ, ସାମାଜିକ, ରାଜନୈତିକ ବିକାଶ, ସରକାରୀ ବିଭାଗରେ ନିଯୁକ୍ତି କ୍ଷେତ୍ରରେ ସହରା ସମ୍ପ୍ରଦାୟ ପଛୁଆ ରହିଛି । ଇତିହାସ ଏବଂ କିମ୍ବଦନ୍ତୀ ଅନୁସାରେ ଭଗବାନ ନୀଳମାଧବଙ୍କ ଆଦ୍ୟ ସେବକ ଶବର ରାଜା ବିଶ୍ୱାବସୁଙ୍କ ବଂଶଧର ତଥା ଶବରୀ ନାରାୟଣଙ୍କ ଆଦ୍ୟ ସେବିକା ମାତା ଶ୍ରାବଣ । ଶବରୀଙ୍କ ବଂଶଧର ହେଉଛନ୍ତି ବର୍ତ୍ତମାନର ଶବର, ସହରା, ସଓରା, ସଅର ସମ୍ପ୍ରଦାୟ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ବିଶି ପ୍ରକାଶ କରିଥିଲେ । ଶବର ସମ୍ପ୍ରଦାୟର କଳା, ସଂସ୍କୃତି, ଐତିହ୍ୟ, ସ୍ଥାପତ୍ୟ, ଦେବଦେବୀ ପୂଜା ପଦ୍ଧତି, ପ୍ରଥା ପରମ୍ପରା, ସଉରା ଭାଷାର ସୁରକ୍ଷା, ପୁନଃଉଦ୍ଧାର, ସଂରକ୍ଷଣ କରିବା ପାଇଁ ସମାଜର ଛାତ୍ରଛାତ୍ରୀ, ଯୁବକ, କର୍ମଚାରୀ ସ୍ୱେଚ୍ଛାକୃତ ଭାବରେ ଆଗେଇ ଆସିବାକୁ ଶ୍ରୀ ବିଶି ଉଦବୋଧନ ଦେଇଥିଲେ । ସଭାରେ ଉପଖଣ୍ଡ ସ୍ତରୀୟ ସହରା ସମାଜର ନୂତନ କର୍ମକର୍ତ୍ତା ଯଥା ସଭାପତି ଚନ୍ଦ୍ରମଣି ଶବର, ସମ୍ପାଦକ ସନ୍ତୋଷ ବିଶି, ମହାସଚିବ ସାରଥୀ ବାଗ, କୋଷାଧ୍ୟ ସବ୍ୟସାଚୀ ବର୍ଗେ, ଉପସଭାପତି ଉତ୍ତର କୁମାର ବାଗ, ବ୍ଲକ ସଭାପତି ଶଶୀଭୁଷଣ ବାରଲେବଡ଼ିଆ, ବେଲପଡା ବ୍ଲକ ସଭାପତି ରାଜକିଶୋର ବର୍ଗେ, ଟିଟିଲାଗଡ଼ ଉପଖଣ୍ଡ ସଭାପତି ଗଜପତି କାଲସାଏ, ବଲାଙ୍ଗିର ଉପଖଣ୍ଡ ଉପସଭାପତି ବଳଦେବ ଭୋଇ, ଖପ୍ରାଖୋଲ ବ୍ଲକ ସଭାପତି ବସନ୍ତ ନାଗ, ଦିବାକର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାରେ ସହରା ସମାଜର ବିଶିଷ୍ଟ ନେତା ଠାକୁର ଭୋଇ, ଇନ୍ଦ୍ର ଶବର, ଅରକ୍ଷିତ ବନଗୁଲା, ନୃପ ନାଗ, ମହାଦେବ ଶବର, ଯୁଧିଷ୍ଠିର ଭୋଇ, ଡମ୍ବରୁ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡିଆଶୋଳ ଗ୍ରାମର ପାନୀୟ ଜଳସଂକଟ ନେଇ ଗ୍ରାମବାସୀଙ୍କ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ରାଇରଙ୍ଗପୁର (ଏନ୍.ଏମ୍.) :** ଦିନକୁ ଦିନ ତାତି ବଢିଲାଣି । ତାତି ବଢିଥିବା ସହ ବିଭିନ୍ନ ଗ୍ରାମରେ ପାନୀୟ ଜଳ ସଂକଟ ଦେଖାଦେଇଛି । ସରକାର ହର ଘର ପିଇବା ପାଣି ବ୍ୟବସ୍ଥା କରୁଥିବାବେଳେ ବିଜାତଳା ବ୍ଲକର ବିଜାତଳା ପଞ୍ଚାୟତର ଖଡିଆଶୋଳ ଗ୍ରାମରେ ଆଜି ଯାଏଁ ସ୍ଥାୟୀ ଜଳ ସମସ୍ୟା କରାଯାଇ ପାରି ନାହିଁ । ଦୀପ ତଳ ଅନ୍ଧାର ଭଳି ବ୍ଲକ୍ ସଦର ମହକୁମା ପଞ୍ଚାୟତରେ ଜଳ ସଙ୍କଟ ଦେଖା ଦେଇଛି । ଏହି ଗ୍ରାମରେ ୫୦୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି । ଗାଁ ରେ ଥିବା ଅଧିକାଂଶ ନଳକୂପ ଅଚଳ । ଗ୍ରାମ ପୋଖରୀ ଶୁଖିବାକୁ ବସିଲାଣି । ଲୋକେ ଶୌଚ, ଗାଧୋଇବା, ଲୁଗା ଧୋଇବା, ଗୋରୁଗାଈଙ୍କୁ ଗାଧୋଇବା କାମ କରିବାରେ ଅସୁବିଧାରେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଅନ୍ୟ ଗ୍ରାମକୁ ଯାଇ ପିଇବା ପାଣି ଆଣୁଛନ୍ତି । ବ୍ଲକ ପ୍ରଶାସନ କୁ ଜଣାଇଲେ ମଧ ସୁଫଳ ପାଇଁ ପାରୁ ନାହାଁନ୍ତି । ତେଣୁ ବାଧ ହୋଇ ଆଜି ଖଡି ଆଶୋଳ ଗ୍ରାମବାସୀ ରାଇରଙ୍ଗପୁରରେ ବାମନଘାଟୀ ଉପ ଜିଲ୍ଲାପାଳଙ୍କୁ ଜଳ ସମସ୍ୟା ସମାଧାନ ପାଇଁ ଗୁହାରି କରିବା ସହ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଯଦି ପ୍ରଶାସନ ଏହାର ସମାଧାନ ନ କରନ୍ତି ଆଗାମୀ ଦିନରେ ସାଧାରଣ ନିର୍ବାଚନ ବର୍ଜନ କରିବାକୁ ବାଧ ହେବେ ଯେଉଁଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି ।

# ନବ ଚରଣ ମାଝୀଙ୍କ ମୁଣ୍ଡରେ ବିଜେପିର ମୟୂରଭଞ୍ଜ ସାଂସଦ ମୁକୁଟ



**ରାଇରଙ୍ଗପୁର(ଏନ୍.ଏମ୍.) :** ଆସନ୍ତା ସାଧାରଣ ନିର୍ବାଚନ ବୈତରଣୀ ପାର ହେବାକୁ ସବୁଦଳ ଅଣ୍ଟା ଭିଡିଛନ୍ତି । ଏଥିପାଇଁ ପ୍ରାର୍ଥୀ ଚୟନ ପ୍ରକିୟା ଜୋର ଧରିଛି । ବିଜେପି ତରଫରୁ ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝୀଙ୍କୁ ମୁଣ୍ଡରେ ଆଗାମୀ ନିର୍ବାଚନରେ ମୟୂରଭଞ୍ଜ ସାଂସଦ ପାଇଁ ମୁକୁଟ ପିନ୍ଧାଯାଇଛି । ବ୍ରହ୍ମ କୁମାର ନବ ଚରଣ ମାଝୀ ରାଇରଙ୍ଗପୁର ପୌରାଞ୍ଚଳ ଅନ୍ତର୍ଗତ ମହୁଲଡିହା ଗ୍ରାମର ବାସିନ୍ଦା । ପିଲାବେଳୁ ସମାଜସେବୀ, ପରୋପକାରୀ, ସଂସ୍କାରବାଦୀ ପ୍ରତି ଅତ୍ୟନ୍ତ ଆଗ୍ରହୀ ଥିଲେ । ଅଶୀ ଦଶକରେ ୧୯୮୦ ରୁ ୧୯୯୭ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ଆନ୍ଦୋଳନର ଆଜସୁର ଜଣେ ଜଣାଶୁଣା ଚର୍ଚ୍ଚିତ ନେତା ଥିଲେ ।୧୯୮୫ ମସିହାରେ ସେ ରାଇରଙ୍ଗପୁର ମହାବିଦ୍ୟାଳୟର ଛାତ୍ର ସଂସଦ ଉପସଭାପତି ଥିଲେ । ପରେ ସେ ୧୯୯୮ ମସିହାରେ ଭାରତୀୟ ଜନତା ପାର୍ଟିର ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଥିଲେ ।୨୦୦୪ରୁ ଅବିଭକ୍ତ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ସେଲର ଅଧକ୍ଷ ଥିଲେ । ୨୦୦୮ରୁ ୨୦୧୩ ପର୍ଯ୍ୟନ୍ତ ରାଇରଙ୍ଗପୁର ବିଜ୍ଞାପିତ ପରିଷଦ ଅଧକ୍ଷ ଭାବେ ନିଷ୍ଠାର ସହ ଦାୟିତ୍ୱ ତୁଲାଇଥିଲେ । ପରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ ମଧ ଦାୟିତ୍ୱ ତୁଲାଇଥିଲେ ।୨୦୧୯ରେ ସେ ରାଇରଙ୍ଗପୁର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ମହାମହିମ ରାଷ୍ଟ୍ରପତିଙ୍କ ସେ ଜଣେ ଅତ୍ୟନ୍ତ ନିକଟତର ଲୋକ । ସମାଜସେବା ପାଇଁ ସେ ସାଂସାରିକ ଜୀବନ ଠାରୁ ଦୂରେଇ ଆଧାମ୍ନିକ ରାଜନୈତିକ ଜୀବନ ଆପଣେଇଥିଲେ । ପ୍ରଜାପତି ଐଶ୍ୱରୀୟ ବିଦ୍ୟାଳୟର ସଦସ୍ୟ ହୋଇ ନିଜ ଜୀବନକୁ ରାଜଯୋଗ ହିସାବରେ କାଳାତିପାତ କରୁଛନ୍ତି । ବହୁ ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ସହିତ ସେ ଜଡ଼ିତ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେଲା ସେ ବିଜେପିରେ ସମର୍ପିତ ଏବଂ ଦଳ ଯେଉଁ ସମୟରେ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହାକୁ ନିଷ୍ଠାର ସହ ତୁଲାଇବା ସହ ତୃଣମୂଳ ସ୍ତରରେ ନିଜର ଅମାୟିକ ବ୍ୟବହାର ଓ କଥାଶିଳ୍ପୀ ହିସାବରେ ଏକ ନିଆରା ପରିଚୟ ସୃଷ୍ଟି ଏବଂ ଦଳ ପ୍ରତି ଅଗାଧ ଆନୁଗତ୍ୟ ନେଇ ଦଳ ? ତାଙ୍କ ଉପରେ ବିଶ୍ୱାସ ରଖି ମୟୂରଭଞ୍ଜ ବିଜେପି ସାଂସଦ ଭାବେ ମନୋନୀତ କରିଛି । ତାଙ୍କୁ ପଚାରିବାରୁ ସେ କହିଥିଲେ ଓଡ଼ିଶାର ସ୍ୱାର୍ଥକୁ ଦିଲ୍ଲୀ ଦରବାରରେ ପହଞ୍ଚାଇବା, ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାର ସାମଗ୍ରୀକ ବିକାଶ ଏବଂ ଜନ ସାଧାରଣଙ୍କ ସମସ୍ୟାକୁ ସମାଧାନ ପାଇଁ ସେ ଶତପ୍ରତିଶତ ଚେଷ୍ଟା କରିବେ ବୋଲି ଗଣମାଧମକୁ ସୂଚନା ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା, ବିଜେପି ସଭାପତି ଜେପି ନଡ୍ଡା, ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲ ସମେତ ସମସ୍ତ ଦଳୀୟ କର୍ମୀ ଓ ପଦାଧିକାରୀ ତାଙ୍କୁ ପ୍ରତି ଅଗାଢ ବିଶ୍ୱାସ ରଖି ତାଙ୍କୁ ସାଂସଦ ପ୍ରାର୍ଥୀ ଭାବେ ଚୟନ କରିଥିବାରୁ ସମସ୍ତଙ୍କୁ ଅଞ୍ଚଳରୁ କୃତଜ୍ଞତା ଜଣାଇଛନ୍ତି ।

# ପାଣ୍ଡିଆନଙ୍କ ଠାରୁ ଅନାବଶ୍ୟକ ସୁରକ୍ଷା ପ୍ରତ୍ୟାହାର ଦାବିରେ ନିର୍ବାଚନ କମିଶନଙ୍କୁ ବିଜେପିର ଅଭିଯୋଗ

**ଭୁବନେଶ୍ୱର(ଏନ୍.ଏମ୍.) :** ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ସାମିଲ ହୋଇଥିବା ଭି.କେ. ପାଣ୍ଡିଆନଙ୍କ ଠାରୁ ଅନାବଶ୍ୟକ ସୁବିଧା ପ୍ରତ୍ୟାହାର କରାଯିବାକୁ ବିଜେପି ପକ୍ଷରୁ ଦାବି ହୋଇଛି । ତେବେ ଏନେଇ ବିଜେପି ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ମଧ କରିଛି । ଏହାସହିତ ସରକାରୀ 'ଲକ୍ଷ୍ମୀ' ବସରେ ବିଜୁ ଜନତା ଦଳର ଦଳୀୟ ଚିହ୍ନ ଲଗାଇବା ଉପରେ ମଧ ବିଜେପି ଆପତ୍ତି ଉଠାଇଛି । ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି ଯେ, ବିଜୁ ଜନତା ଦଳର ଜଣେ ସାଧାରଣ କର୍ମୀ ଭି.କେ. ପାଣ୍ଡିଆନଙ୍କ ସୁରକ୍ଷା ଦାୟିତ୍ୱରେ ଏବେ ୭୪ଜଣ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି । ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ସାରିଥିବାବେଳେ ଅବାଧ, ନିରପେକ୍ଷ ନିର୍ବାଚନକୁ ବେଖାତିର କରି ଶାସକ ବିଜେଡି ଏଭଳି କରିଛି ବୋଲି ଅଭିଯୋଗ ହୋଇଛି । ପୂର୍ବରୁ ମିଳୁଥିବା ସମସ୍ତ ସରକାରୀ ସୁବିଧା ନିର୍ବାଚନ ସମୟରେ ପ୍ରତ୍ୟାହାର କରାଯାଉ ଥିବାବେଳେ ଶ୍ରୀ ପାଣ୍ଡିଆନ ଏ ସବୁର ଉର୍ଦ୍ଧ୍ୱରେ କେମିତି ବୋଲି ବିଜେପି ପ୍ରଶ୍ନ କରିଛି । ଜେଡ୍ ପ୍ଲସ ସିକ୍ୟୁରିଟି ବ୍ୟବସ୍ଥାରେ ସର୍ବାଧିକ ୫୫ଜଣ ପୁଲିସ ଅଧିକାରୀ ନିୟୋଜିତ ହେଉଥିବାବେଳେ ଶ୍ରୀ ପାଣ୍ଡିଆନଙ୍କୁ ୭୪ଜଣ ପୁଲିସ କର୍ମଚାରୀ ଯୋଗାଇ ଦେବା କେଉଁ କାଟେଗୋରୀର ସୁରକ୍ଷା ବ୍ୟବସ୍ଥା ତାହା ନେଇ ବିଜେପି ପ୍ରଶ୍ନ କରିଛି । ଜନସାଧାରଣଙ୍କ ସୁରକ୍ଷା ଏବଂ ନିର୍ବାଚନୀ ହିଂସା ସମୟରେ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ ଅଭାବ ଦର୍ଶାଉଥିବା ଗୃହ ବିଭାଗ ସାଧାରଣ ଲୋକଙ୍କ ଅର୍ଥରେ ରାଜ୍ୟ ରାଜକୋଷରୁ ଏତେ ଅର୍ଥ ବରବାଦ୍ କରୁଛନ୍ତି କିପରି ? ଏସମସ୍ତ ବିଷୟ ସମ୍ପର୍କରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିରବତା ପାଇଁ ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବାରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଶ୍ରୀ ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ନିୟୋଜିତ ପୁଲିସ କର୍ମଚାରୀ ବ୍ୟବହୃତ ଗାଡ଼ି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବିଜୁ ଜନତା ଦଳ ପାଣ୍ଠିରୁ ଭରଣା କରାଯାଉ ବୋଲି ଶ୍ରୀ ବିଶ୍ୱାଳ ଦାବି କରିଛନ୍ତି । ସେ ଆହୁରି କହିଛନ୍ତି ଯେ, ଯଦି ବାସ୍ତବରେ ତାଙ୍କ ଜୀବନ ପ୍ରତି ବିପଦ ଅଛି ନା ନିଜର ପତିଆରା ବଢ଼ାଇବା ପାଇଁ ଏଭଳି ବେଆଇନ କାର୍ଯ୍ୟ କରୁଛନ୍ତି । ତେଣୁ ନିର୍ବାଚନ ଆଚରଣ ବିଧି ଦୃଷ୍ଟିରୁ ତୁରନ୍ତ ତାଙ୍କୁ ଦିଆଯାଇଥିବା ପୁଲିସ ବାହିନୀଙ୍କୁ ପ୍ରତ୍ୟାହାର କରିବାକୁ ରାଜ୍ୟ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେବା ପାଇଁ ରାଜ୍ୟ ବିଜେପିର ପ୍ରତିନିଧିମଣ୍ଡଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାବି ଜଣାଇଛି । ସେହିପରି ନିର୍ବାଚନ ଆଚରଣବିଧି ଉଲଘଂନ କରି ରାଜ୍ୟରେ ଚାଲୁଥିବା ଲକ୍ଷ୍ମୀ ବସରେ ବିଜୁ ଜନତା ଦଳର ଦଳୀୟ ଚିହ୍ନ ଲଗାଯାଇଛି । ଏହାକୁ ତୁରନ୍ତ ହଟାଇବାକୁ ବିଜେପି ଦାବି କରିଛି । ଏହି ପ୍ରତିନିଧିମଣ୍ଡଳୀରେ ବିଜେପି ନେତା ରାଜେନ୍ଦ୍ର ପଣ୍ଡା, ସୋନାଲୀ ସାହୁ ଓ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେପି ଛାଡ଼ିଲେ ସାଲେପୁର ପୂର୍ବତନ ବିଧାୟକ ପ୍ରକାଶ ବେହେରା : ବିଜେଡିରୁ ଲଢ଼ିବା ନେଇ ଚର୍ଚ୍ଚା !

**କଟକ(ଏନ୍.ଏମ୍.) :** ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶେଷରେ ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଭାରତୀୟ ଜନତା ପାର୍ଟି ଛାଡ଼ିଛନ୍ତି । ସେ ଦଳର କଟକ ଜିଲ୍ଲା ସଭାପତି ଥିଲେ । ପ୍ରକାଶ ବେହେରା ଦଳର ପ୍ରାଥମିକ ସଦସ୍ୟ ପଦରୁ ବି ଇସ୍ତଫା ଦେଇଛନ୍ତି । ସେ ନିଜର ଇସ୍ତଫାପତ୍ର ରାଜ୍ୟ ସଭାପତିଙ୍କ ପାଖକୁ ପଠାଇ ଦେଇଛନ୍ତି । ତେବେ ସେ କାହିଁକି ଦଳ ଛାଡ଼ିଲେ ? ଏନେଇ ଗଣମାଧମ ଆଗରେ ନିଜର ପ୍ରତିକ୍ରିୟା ରଖିଛନ୍ତି ପ୍ରକାଶ ବେହେରା । ସେ କହିଛନ୍ତି, ଦଳରେ ମିଶିବା ପରେ ଓ କଟକ ଜିଲ୍ଲା ସଭାପତି ହେବା ପରେ ସଂଗଠନକୁ ମଜବୁତ କରିବା ପାଇଁ ମୁଁ ମୋ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଛି । ଦଳକୁ ଆଗକୁ ନେବା ସହିତ ବିଶ୍ୱସ୍ତ ହୋଇ ରହିବା ପାଇଁ ଚେଷ୍ଟା କରିଛି । କିନ୍ତୁ ମୁଁ ଦଳ ସହ ଆଡଜଷ୍ଟ କରି ପାରିଲିନି । ଏଥିପାଇଁ ମୁଁ ଅସନ୍ତୁଷ୍ଟ ଥିଲି । ଏ ନେଇ ମୁଁ ଦଳରେ ଦାୟିତ୍ୱରେ ଥିବା ନେତାମାନଙ୍କ ସହିତ ଆଲୋଚନା କରିଥିଲି । ମୁଁ ଚାହୁଁଥିଲି ଯେଉଁମାନେ ସଂଗଠନ ଦାୟିତ୍ୱରେ ଅଛନ୍ତି, ସେମାନଙ୍କୁ ଉପଯୁକ୍ତ ପ୍ରାଧାନ୍ୟ ଦିଆଯିବା ଦରକାର । ଯେଉଁଭଳି ଢଙ୍ଗରେ ମୁଁ ସଂଗଠନକୁ ଆଗକୁ ନେବାକୁ ଚାହୁଁଥିଲି, ତାହା ହୋଇପାରିଲା ନାହିଁ । ଯେଉଁ ସ୍ତରକୁ ମୁଁ ସଂଗଠନକୁ ନେବାକୁ ଚାହୁଁଥିଲି, ତାହା କରିପାରିଲି ନାହିଁ । ସେଥିପାଇଁ ମୁଁ ନିଜକୁ ଦାୟୀ କରିଥିଲି । ତେଣୁ ବହୁ ଚିନ୍ତା କରିବା ପରେ ଆଜି ମୁଁ ଦଳ ଛାଡ଼ିବା ପାଇଁ ବାଧ ହୋଇଛି । ମାତ୍ର ସେ ଖୁବ ଶିଘ୍ର ବିଜେଡିରେ ଯୋଗ ଦେଇପାରନ୍ତି ବୋଲି କୁହାଯାଉଛି । ବିଜେଡିରୁ ବାରବାଟୀ-କଟକ ନିର୍ବାଚନମଣ୍ଡଳୀରେ ସେ ଲଢ଼ିବା ପାଇଁ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି । ପ୍ରକାଶ ବେହେରା ବିଳମ୍ବିତ ରାତିରେ



୫ଟି ତଥା ନବୀନ ଓଡ଼ିଶା ଅଧକ୍ଷଙ୍କୁ ଭେଟିବା ପରେ ନିଷ୍ପତ୍ତି ହୋଇଥିବା ନେଇ ଖବର ମିଳିଛି । ସୂଚନାଯୋଗ୍ୟ ଯେ, ଶ୍ରୀ ବେହେରା ୨୦୧୯ ମସିହାରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ । ଦଳ ତାଙ୍କ ପ୍ରତି ଅବହେଳା କରିଥିବା ଅଭିଯୋଗ କରି ସେ ତାଙ୍କ ଇସ୍ତଫାପତ୍ର ଏଆଇସିସି ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ପଠାଇଥିଲେ । ଏହାପରେ ସେ ଭାଜପାର ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଦେଶ ସଭାପତି ବସନ୍ତ ପଣ୍ଡା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ଜୟ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ । ଏବେ ବିଜେପି ଛାଡ଼ି ବିଜେଡିରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି । ଶ୍ରୀ ବେହେରା ପୁଣି କହିଛନ୍ତି ଯେ, ମୁଁ ଦଳୀୟ ନେତୃତ୍ୱ ବିରୋଧରେ କହିବି ନାହିଁ । ଟିକେଟ୍ ପାଇବା ନେଇ କୌଣସି ସମସ୍ୟା ନଥିଲା । ମୋତେ ଏଥର ଦଳ ତରଫରୁ ଟିକେଟ ମିଳି ନଥା'ନ୍ତା ବୋଲି ଯେଉଁ ଆଲୋଚନା ହେଉଛି, ସେଥିରେ ସତ୍ୟତା ନାହିଁ । ଦଳ ସହିତ ମୋର ବିଚାରଗତ ସମସ୍ୟା ରହିଲା । ମୁଁ ଦଳରେ ନିଜକୁ ଆଡଜଷ୍ଟ କରିପାରିଲି ନାହିଁ । ଦଳ ଭିତରେ କେତେ ଜଣଙ୍କ ସହିତ ମୋର ବୁଝାମଣା ଠିକ୍ ରହିଲା ନାହିଁ । ପ୍ରକାଶ ବେହେରା ବିଜେଡିରେ ମିଶିବେ ବୋଲି ଆଲୋଚନା ହେଉଛି । ଏନେଇ ସେ କହିଛନ୍ତି, ମୁଁ ମୋର ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତା, ବନ୍ଧୁ, ଶୁଭେଚ୍ଛୁମାନଙ୍କ ସହିତ ଆଲୋଚନା କଲା ପରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନେବି । ସେମାନଙ୍କୁ ନପଚାରି ମୁଁ କୌଣସି ନିଷ୍ପତ୍ତି ନେଇ ପାରିବି ନାହିଁ । ଶ୍ରୀ ବେହେରା ତାଙ୍କ ଇସ୍ତଫାପତ୍ରରେ ଲେଖିଥିଲେ- ମୁଁ ସଦାବେଳେ ମୋ ପଦକୁ ନ୍ୟାୟ ଦେବାକୁ ପ୍ରାୟସ କରିଛି । ତା' ସହିତ ଦଳ ଯେପରି ମାଇଲଖୁଣ୍ଟ ହାସଲ କରିପାରିବ ସେ ନେଇ ଚେଷ୍ଟା କରିଛି । କିନ୍ତୁ ଏହି କାର୍ଯ୍ୟକୁ ମୁଁ ସନ୍ତୋଷଜନକ ଭାବେ ତୁଲାଇ ପାରି ନାହିଁ । ସୂଚନା ଯୋଗ୍ୟ ଯେ, ୨୦୧୪ ମସିହାରେ ଶ୍ରୀ ବେହେରା କଂଗ୍ରେସ ଟିକେଟରେ ସାଲେପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ୨୦୧୯ ମସିହା ନିର୍ବାଚନ ପୂର୍ବରୁ ସେ ଦଳ ଛାଡ଼ି ବିଜେପିରେ ମିଶିଥିଲେ ଓ ସାଲେପୁରରୁ ଲଢ଼ିଥିଲେ । ତେବେ ସେ ପରାସ୍ତ ହୋଇଥିଲେ । ଏବେ ବିଜେଡିରୁ ବାରବାଟୀ-କଟକରେ ଲଢ଼ିବେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି ।




# ଜାତୀୟ ହୁଇଲଚେୟାର ଫେନସିଂ ପ୍ରତିଯୋଗିତାରେ ଜଗତସିଂହପୁରର ପ୍ରଫୁଲ୍ଲଙ୍କୁ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ




**ଜଗତସିଂହପୁର(ଏନ୍.ଏମ୍.):** ତାମିଲନାଡୁର କୋଏମ୍ବତୁର ଠାରେ ଅନୁଷ୍ଠିତ ଷୋଡ଼ଶ ଜାତୀୟ ହୁଇଲ ଚେୟାର ପ୍ରତିଯୋଗିତାରେ ଜଗତସିଂହପୁରର ଖଇରଙ୍ଗ ପଞ୍ଚାୟତ ଆଶ୍ରମପାଟଣା ଗ୍ରାମର ପ୍ରତାପ କିଶୋର ଖଣ୍ଡାୟତରାୟଙ୍କ ପୁତ୍ର ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଭଲ ପଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଜିତିଛନ୍ତି। ସେ ବ୍ୟକ୍ତିଗତ ଭାବେ ସେମିଫାଇନାଲରେ ହରିୟାଣାର ରଜନୀଶଙ୍କୁ ୧୫-୪ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ ଏବଂ ଫାଇନାଲରେ ନିଜ ରାଜ୍ୟର ନିକୁ ପ୍ରଧାନଙ୍କୁ ୧୫-୦ରେ ପରାସ୍ତ କରି ଗୋଟିଏ ସ୍ୱର୍ଣ୍ଣ ଏବଂ ଦଳଗତରେ ପ୍ରଫୁଲ୍ଲ ଖଣ୍ଡାୟତ, ରାଖାଲ ସେଠୀ, ପବିତ୍ର ସାହୁ ଓ ରାଜେଶ ସାହୁଙ୍କୁ ସାଥୀକରି ଫାଇନାଲରେ ହରିୟାଣା ଦଳକୁ ୧୫-୯ରେ ପରାସ୍ତ କରି ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ସେ ବ୍ୟକ୍ତିଗତ ସେମିଫାଇନାଲରେ ହରିୟାଣାର ରଜନୀଶଙ୍କୁ ୧୫-୬ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ ଏବଂ ଫାଇନାଲରେ ହରିୟାଣାର ସୁନୀଲ ଫୋଗତଙ୍କ ଠାରୁ ୧୫-୯ରେ ପରାସ୍ତ ହୋଇ ପ୍ରଫୁଲ୍ଲ ରେ ?ପ୍ୟରେ ସନ୍ତୁଷ୍ଟ ହେଇଛନ୍ତି। ଆଗକୁ ହେବାକୁ ଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ସେ କହିଛନ୍ତି। ଜଗତସିଂହପୁର ଜିଲ୍ଲାର ଏହି ଦିବ୍ୟାଙ୍ଗ କ୍ରୀଡ଼ାବିତ ପୂର୍ବରୁ ଅନେକ ଥର ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭଲ ପଦର୍ଶନ କରି ଗୌରବ ଆଣିସାରିଛନ୍ତି।

# ଭାରତୀୟ ହକି ଦଳକୁ 'ପ୍ୟାରିସ୍ ଅଲିମ୍ପିକ୍ସ ଶୁଭେଚ୍ଛା' ଜଣାଇଲା ଓସଜା



**ଭୁବନେଶ୍ୱର(ଏନ୍.ଏମ୍.):** ଭାରତୀୟ ପୁରୁଷ ହକି ଦଳକୁ 'ପ୍ୟାରିସ୍ ଅଲିମ୍ପିକ୍ସ ଶୁଭେଚ୍ଛା' ଜଣାଇଛି ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସଜା)। ଗୁରୁବାର ସଂଧାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ନିରାଡ଼ମ୍ବର ଉତ୍ସବରେ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ହକି ପିଚ୍ରେ ହିଁ ପ୍ୟାରିସରେ ଟୋକିଓ ଅଲିମ୍ପିକ୍ସ ସଫଳତାକୁ ଟପିଯିବାକୁ ଶୁଭକାମନା ଦିଆଯାଇଛି। ଭୁବନେଶ୍ୱରର କଳିଙ୍ଗ ହକି କଂପ୍ଲେକ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧିନାୟକ ହର୍ମନପ୍ରୀତ୍ ସିଂହ, ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ ଓସଜାର ଏହି ଶୁଭେଚ୍ଛାକୁ ପ୍ରଶଂସା କରିବା ସହ ପ୍ୟାରିସ୍ ଆହ୍ୱାନକୁ ଗ୍ରହଣ କରି ଆଗକୁ ବଢ଼ିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ କ୍ରୀଡ଼ା ସାମ୍ବାଦିକଙ୍କ ସହ ଅନ୍ତରଙ୍ଗ ଆଳାପ କରିଥିଲେ ଦଳର ଏକମାତ୍ର ଓଡ଼ିଆ ଖେଳାଳି ଅମିତ ରୋହିଦାସ। ଓସ୍ଜାର ସଭାପତି ସନ୍ଦୀପ ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂବିତ ମହାପାତ୍ର, ସୁରେଶ ସ୍ୱାଇଁ, ନିରଂଜନ ରେଡ୍ଡୀ, ପ୍ରତାପ ପ୍ରଧାନ, ଶକ୍ତି ପ୍ରସାଦ ନନ୍ଦ, ସୁଜିତ କୁମାର ସ୍ୱାଇଁ, ତନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଫୁଲତୋଡ଼ା ଓ ଛେନାପୋଡ଼ ଦେଇ ଶୁଭକାମନା ଜଣାଇଥିଲେ।

# ଇଣ୍ଡିଆନ୍ ଓପନ୍ ପାରା ଦୌଡ଼କୁଦ: ଜୟନ୍ତୀ, ସୁଚିତ୍ରା ଜିତିଲେ ୫ ପଦକ

**ଭୁବନେଶ୍ୱର(ଏନ୍.ଏମ୍.):** ବେଙ୍ଗାଲୁରୁରେ ଆୟୋଜିତ ଷଷ୍ଠ ଇଣ୍ଡିଆନ୍ ଓପନ୍ ପାରା ଦୌଡ଼କୁଦ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ୨ ଜଣ ଜୟନ୍ତୀ ବେହେରା (୧୦୦, ୨୦୦, ୪୦୦ ମିଟର) ଓ ସୁଚିତ୍ରା ପରିଡ଼ା (ଜାଭଲିନ୍, ସଟ୍‌ପୁଟ୍) ଭାଗ ନେଇଥିଲା ବେଳେ ୫ ପଦକ (୧ ସ୍ୱର୍ଣ୍ଣ, ୩ ରେ ?ପ୍ୟ, ୧ କାଂସ୍ୟ) ମିଳିଛି। ସୁଚିତ୍ରା ମହିଳା ଜାଭ୍ଲିନ୍ ଏଫ୍-୩୪/୫୨/୫୩/୫୫/୫୬ରେ ସ୍ୱର୍ଣ୍ଣ ଏବଂ ସଟ୍ପୁଟ୍ ଏଫ୍-୫୫ରେ କାଂସ୍ୟ ଜିତିଥିଲେ। ସେ ୧୬.୧୬ ମିଟର ଜାଭଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ୫.୩୦ ମିଟର ସଟ୍ପୁଟ୍ ଫିଙ୍ଗି ତୃତୀୟ ସ୍ଥାନରେ ରହିଥିଲେ। ମହିଳା ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ ଟି-୩୫/୪୪/୪୬/୪୭/୬୨ରେ ଜୟନ୍ତୀ ୩ଟି ରୌପ୍ୟ ପାଇଛନ୍ତି। ୧୦୦ ମିଟର ରେସ୍କୁ ସେ ୧୩.୭୨ ସେକେଣ୍ଡ୍, ୨୦୦ ମିଟରକୁ ୨୮.୩୧ ସେକେଣ୍ଡ୍ ଏବଂ ୪୦୦ ମିଟରକୁ ୧ମିନିଟ୍ ୨.୬୦ ସେକେଣ୍ଡ୍ ସମୟରେ ଶେଷ କରି ଏହି ସମସ୍ତ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ମହିଳା ଖେଳାଳିଙ୍କୁ ମାଡ଼ ମାରିବା ଘଟଣା: ଫୁଟବଲ ମହାସଂଘର ସଦସ୍ୟ ଗିରଫ




**ନୂଆଦିଲ୍ଲୀ(ଏନ୍.ଏମ୍.):** ଭାରତୀୟ ଫୁଟବଲ ମହାସଂଘର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଦୀପକ ଶର୍ମାଙ୍କୁ ଗୋଆ ପୁଲିସ କରିଛି। ମହିଳା ଫୁଟବଲ ଟିମର ଦୁଇ ଜଣ ଖେଳାଳିଙ୍କୁ ଶ୍ରୀ ଶର୍ମା ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଗୋଆରେ ଅନୁଷ୍ଠିତ ଭାରତୀୟ ମହିଳା ଫୁଟବଲ ଲିଗ ଦ୍ୱିତୀୟ ଡିଭିଜନରେ ହିମାଚଳ ପ୍ରଦେଶ ଭତ୍ତିକ ଖାଡ ଏଫସି ପକ୍ଷରୁ ଦୁଇ ଜଣ ଖେଳାଳି ଭାଗ ନେଇଥିଲେ। ଖାଡ ଏଫସି କ୍ଲବର ମାଲିକ ଶ୍ରୀ ଶର୍ମା ମହିଳା ଖେଳାଳିଙ୍କ ରୁମ ଭିତରେ ରାତି ସମୟରେ ପ୍ରବେଶ କରିଥିଲେ ଓ ୨ ଜଣଙ୍କୁ ମାଡ଼ ମାରିଥିଲେ। ମାର୍ଚ୍ଚ ୨୮ ତାରିଖ ରାତିରେ ଏହି ଘଟଣା ଘଟିଥିଲା ବୋଲି ଦୁଇ ଖେଳାଳି ଅଭିଯୋଗ କରିଛନ୍ତି। ଡିଏସ୍ପି ସନ୍ଦେଶ ସି କହିଛନ୍ତି, "ଏଆଇଏଫଏଫ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଦୀପକ ଶର୍ମାଙ୍କୁ ଆଜି ପଚରାଉଚରା ପାଇଁ ଡକା ଯାଇଥିଲା। ଦିନ ତମାମ ଜେରା କରାଯିବା ପରେ ତାଙ୍କୁ ଆଇପିସିର ବିଭିନ୍ନ ଦଫାରେ ମାପୁସା ପୁଲିସ୍ ଗିରଫ କରିଛି। ଆଜି ରାତିରେ ସେ ପୁଲିସ୍ ହେପାଜତରେ ରହିବେ। ଆସନ୍ତାକାଲି ତାଙ୍କୁ କୋର୍ଟରେ ହାଜର କରାଯିବ। ପୁଲିସ୍ ଘଟଣାର ଅଧିକ ଯାଞ୍ଚ ପାଇଁ ତାଙ୍କୁ ରିମାଣ୍ଡରେ ଆଣିବାକୁ ମଧ ଲକ୍ଷ୍ୟ ରଖିଛି।"ଗୋଆ ଫୁଟବଲ ଆସୋସିଏସନର ସଭାପତି ସି ଫର୍ଣ୍ଣାଡିଜ କହିଛନ୍ତି, ସଂଘ ପକ୍ଷରୁ ପୀଡ଼ିତାଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯାଇଛି। ସେମାନେ କେମିତି ମାପୁସା ପୁଲିସ୍ ଷ୍ଟେସନରେ ଅଭିଯୋଗ କରିବେ, ତା'ର ବ୍ୟବସ୍ଥା ମଧ ସଂଘ କରିଥିଲା। ଦୀପକ ଶର୍ମା ଦୁଇ ଜଣ ମହିଳା ଫୁଟବଲ ଖେଳାଳିଙ୍କୁ ଦୁର୍ବ୍ୟବହାର କରିଥିବାର ଅଭିଯୋଗ ହୋଇଥିଲା। ଏପରି ଅଭିଯୋଗ ଆସିବା ପରେ କ୍ରୀଡ଼ା ମନ୍ତ୍ରଣାଳୟ ଘଟଣାକୁ ଗୁରୁତ୍ୱର ସହ ନେଥିଲା ଓ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ମହାସଂଘକୁ ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ଗୋଆରେ ଭାରତୀୟ ମହୀଳା ଲିଗ ଚାଲିଥିଲା। ତେବେ ମାର୍ଚ୍ଚ ୨୮ରେ ଦୀପକ ଶର୍ମା ପ୍ରବଳ ମଦ ପିଇ ଦୁଇ ଫୁଟବଲରଙ୍କୁ ଦୁର୍ବ୍ୟବହାର କରିଥିଲେ। ତେବେ ଶର୍ମା ଏପରି ଅଭିଯୋଗକୁ ଗିରଫ ପୂର୍ବରୁ ଭିତ୍ତିହୀନ ବୋଲି କହିଥିଲେ। ଶର୍ମା ଭାରତୀୟ ଫୁଟବଲ ମହାସଂଘର ସଭାପତି ସହ ହିମାଚଳ ପ୍ରଦେଶ ଫୁଟବଲ ସଂଘର ସାଧାରଣ ସମ୍ପାଦକ। ଶର୍ମାଙ୍କ କହିବା କଥା ଯେ ବିଶୃଙ୍ଖଳିତ ଆଚରଣ ପାଇଁ ସେ ଖେଳାଳିଙ୍କୁ ପାଟି କରିଥିଲେ। ସ୍ଥିତି ଅନୁସାରେ ଏପରି ଘଟଣା ଘଟିଥିଲା।

# ଗେଲ୍ ଓ ଧୋନିଙ୍କ ରେକର୍ଡ ଭାଙ୍ଗିଲେ ବିରାଟ



**ବେଙ୍ଗାଲୁର(ଏଜେନ୍ସି):** ଚଳିତ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ୭ ୱିକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ବିରାଟ ଏହି ମ୍ୟାଚରେ୮୩ ରନ୍ କରିଥିଲେ। କିନ୍ତୁ ତାଙ୍କ ଦଳ ରୟାଲ ଚ୍ୟାଲେଞ୍ଜର୍ସ (ଆରସିବି) ପରାସ୍ତ ହୋଇଥିଲା। ମ୍ୟାଚ୍ ହାରିଥିଲେ ମଧ ବିରାଟଙ୍କ ନାଁରେ ଏକ ରେକର୍ଡ ଯୋଡ଼ି ହୋଇଯାଇଛି। ଆଇପିଏଲରେ ଆରସିବି ପକ୍ଷରୁ ସର୍ବାଧିକ ଛକା ମାରିବାର ରେକର୍ଡ ବିରାଟଙ୍କ ନାଁରେ ଯୋଡ଼ି ହୋଇଛି। ପୂର୍ବରୁ ଏହି ରେକର୍ଡ କ୍ରିସ୍ ଗେଲ୍‌ଙ୍କ ନାଁରେ ଥିଲା। କ୍ରିସ୍ ଗେଲ୍ ଆରସିବି ପକ୍ଷରୁ ଖେଳି ୨୩୯ଟି ଛକା ମାରିଥିବା ବେଳେ କୋହଲି ୨୪୧ଟି ଛକା ମାରିଛନ୍ତି। ଏହି ତାଲିକାର ୩ ନମ୍ବରରେ ରହିଛନ୍ତି ଏବି ଡି' ଭିଲିୟର୍ସ। ସେ ଆର୍ସିବି ପକ୍ଷରୁ ଖେଳି ୨୩୮ଟି ଛକା ମାରିଛନ୍ତି। ତା' ତଳକୁ ରହିଛନ୍ତି ଗ୍ଲେନ୍ ମ୍ୟାକ୍ସୱେଲ (୬୭) ଓ ଫାଫ ଡୁ ପ୍ଲେସିସ (୫୦)। କୋହଲି ଆଇପିଏଲ୍ ଆରମ୍ଭ ହେବା ଦିନରୁ ଅର୍ଥାତ୍ ୨୦୦୮ରୁ ଆରସିବି ସହିତ ଅଛନ୍ତି। ଆଇପିଏଲରେ ୨୪୧ଟି ଛକା ମାରି ସେ ମହେନ୍ଦ୍ର ସିଂହ ଧୋନିଙ୍କ ରେକର୍ଡ ମଧ ଭାଙ୍ଗିଛନ୍ତି। ମୋଟ ଉପରେ ଛକା ମାରିବାରେ ଶୀର୍ଷରେ ଅଛନ୍ତି କ୍ରିସ୍ ଗେଲ୍। ସେ ୩୫୭ଟି ଛକା ମାରିଛନ୍ତି। ତା' ତଳକୁ ଅଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ରୋହିତ ଶର୍ମା। ସେ ୨୬୧ଟି ଛକା ମାରିଛନ୍ତି। ୨୫୧ଟି ଛକା ସହିତ ୩ ନମ୍ବରରେ ଅଛନ୍ତି ଏବି ଡି' ଭିଲିୟର୍ସ। ୪ନମ୍ବରରେ ଥିଲେ ଧୋନି। ସେ ୨୩୯ଟି ଛକା ମାରିଛନ୍ତି। ତାଙ୍କ ରେକର୍ଡ ଭାଙ୍ଗିଛନ୍ତି କୋହଲି। ୨୪୧ଟି ଛକା ସହିତ ଏବେ ସେ ୪ ନମ୍ବର ସ୍ଥାନରେ ରହିଛନ୍ତି। ଧୋନି ୫ ନମ୍ବରକୁ ଖସି ଆସିଛନ୍ତି। କୋହଲି ୫୯ଟି ବଲରୁ ୮୩ରନ୍ କରିଥିଲେ। ତା' ମଧ୍ୟରେ ଥିଲା ୪ଟି ଚୌକା ଓ ୪ଟି ଛକା। ତାଙ୍କର ଏହି ସ୍କୋର ବଳରେ ଆରସିବି ୨୦ ଓଭରରେ ୧୮୨ରନ୍ କରିଥିଲା। ଅନ୍ୟପକ୍ଷରେ କୋଲକାତା ନାଇଟ ରାଇଡର୍ସ ୧୬.୫ ଓଭରରେ ମାତ୍ର ୩ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

## ଆଞ୍ଚଳିକ ଖବର

# ସୁକାନ୍ତ କହିଲେ, ଘର ବାହୁଡ଼ା ହେଲା



**ଭୁବନେଶ୍ୱର(ଏନ୍.ଏମ୍.):** ବିଜେପିରୁ ଇସ୍ତଫା ଦେଇଥିବା ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ୨୪ଘଣ୍ଟା ପରେ ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଓ ମନ୍ତ୍ରୀ ପ୍ରତାପ ଦେବଙ୍କ ଉପସ୍ଥିତିରେ ସୁକାନ୍ତ ତାଙ୍କ ସମର୍ଥକଙ୍କ ସହିତ ବିଜେଡିରେ ମିଶିଥିଲେ। ଏହା ସହିତ ବିଧାୟକ ସୁକାନ୍ତ କୁମାର ନାୟକଙ୍କର ଘର ବାହୁଡ଼ା ହୋଇଛି ବୋଲି କୁହାଯାଉଛି। ସେ ବିଜେଡିରୁ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୪ ମସିହାରେ ସେ ବିଜେଡି ଟିକେଟରେ ନୀଳଗିରିରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ମସିହା ନିର୍ବାଚନ ବେଳକୁ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ତେବେ ବିଜେପିରେ ମିଶି ପୁଣି ନୀଳଗିରିରୁ ଲଢ଼ିଥିଲେ। ୨୦୧୯ ମସିହାରେ ସେ ବିଜେପି ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଆଉ ଚଳିତ ନିର୍ବାଚନ ବେଳେ ସେ ପୁଣି ବିଜେଡିକୁ ଫେରି ଯାଇଛନ୍ତି। ବିଜେଡିରେ ମିଶିବା ପରେ ନିଜେ ବିଧାୟକ ସୁକାନ୍ତ କୁମାର ନାୟକ କହିଥିଲେ ଯେ ତାଙ୍କର ଘରବାହୁଡ଼ା ହେଲା। ସେ କହିଥିଲେ, ବିଜୁବାବୁଙ୍କ ଆଦର୍ଶରେ ମୁଁ ପ୍ରଥମରୁ ଅନୁପ୍ରାଣିତ। କୌଣସି କାରଣରୁ ଅଭିମାନ କରି ୨୦୧୯ ମସିହାରେ ବିଜେଡି ଛାଡ଼ିଥିଲି। ଏବେ ପୁଣି ବିଜେଡିକୁ ଫେରିଲି। ତେଣୁ ଘରବାହୁଡ଼ା ହେଲା। ସୂଚନାଯୋଗ୍ୟ ଯେ, ବିଭିନ୍ନ ଦଳରୁ ବହୁ ରାଜନେତା ଏବେ ନିଜ ଦଳ ଛାଡ଼ି ବିଜେଡିରେ ସାମିଲ ହେବାରେ ଲାଗିଛନ୍ତି। ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ମଧ ବିଜେଡିରେ ଯୋଗ ଦେଇଛନ୍ତି। ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ।




## ବିଜେଡିରେ ମିଶିଲେ ଚିରଞ୍ଜୀବ ବିଶ୍ୱାଳ



**ଭୁବନେଶ୍ୱର(ଏନ୍.ଏମ୍.):** କଂଗ୍ରେସରୁ ଇସ୍ତଫା ଦେଇଥିବା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଆଜି ବିଜେଡିରେ ମିଶିଛନ୍ତି। ଶଙ୍ଖ ଭବନରେ ସାଂସଦ ସସ୍ମିତ ପାତ୍ର ଓ ମାନସ ରଞ୍ଜନ ମଙ୍ଗରାଜଙ୍କ ଉପସ୍ଥିତିରେ ଚିରଞ୍ଜୀବ ତାଙ୍କ ସମର୍ଥକଙ୍କ ସହିତ ବିଜେଡିରେ ସାମିଲ ହୋଇଥିଲେ। ବିଜେଡିରେ ମିଶିବା ପରେ ଚିରଞ୍ଜୀବ ବିଶ୍ୱାଳ କହିଥିଲେ, ନବୀନଙ୍କ ନେତୃତ୍ୱ ଓ ୨୫ ବର୍ଷର ଜନାଭିମୁଖୀ କାର୍ଯ୍ୟକ୍ରମରେ ଆକୃଷ୍ଟ ହୋଇ ବିଜେଡିକୁ ଆସିଛି। ଏଥର ୧୨୦ରୁ ଅଧିକ ବିଧାୟକ ଓ ୧୫ରୁ ଅଧିକ ସାଂସଦଙ୍କୁ ଜିତେଇବାରେ ସହଯୋଗ କରିବୁ। ଚିରଞ୍ଜୀବ ଦୁଇ ଥର କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪ରେ ସେ ତିର୍ତ୍ତୋଲ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ୨୦୦୯ରେ ସେ ଜଗତସିଂହପୁର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ତେବେ ବିଜେଡି ପ୍ରାର୍ଥୀଙ୍କ ଠାରୁ ପରାସ୍ତ ହୋଇଥିଲେ।୨୦୧୪ରେ ଜଗତସିଂହପୁରରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଚିରଞ୍ଜୀବ।

# ବିଜେଡିକୁ 'ମନ୍ମଥ' କଣ୍ଟା: ବିଭୂତିଙ୍କ ନିଦ ହଜିଲା, ୪୮ଘଣ୍ଟା ବି ରହିଲାନି ଖୁସି



**ଜଟଣୀ(ଏନ୍.ଏମ୍.):** କଂଗ୍ରେସ ନେତା ସୁର ରାଉତରାୟଙ୍କ ପୁଅ ମନ୍ମଥଙ୍କୁ ଦଳରେ ମିଶାଇବାର ମାତ୍ର ୩ଘଣ୍ଟା ମଧରେ ଟିକେଟ୍ ଦେବାର ଫଳ ଏବେ ବିଜେଡିକୁ ମହଙ୍ଗା ପଡ଼ିଛି ବୋଲି ନିର୍ବାଚନ ସମୀକ୍ଷକଙ୍କ ମାନେ ପ୍ରକାଶ କରିଛନ୍ତି। ଭୋଟ ପୂର୍ବରୁ ହିଁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡି ନିଜର ଦୟନୀୟ ସ୍ଥିତି ଦେଖିବାକୁ ଯାଉଛି। ଆଉ 'ମନ୍ମଥ'ଙ୍କୁ ଦଳୀୟ ଟିକେଟ୍ ଦେଇ ବିଜେଡି ଯେଉଁ ମାଷ୍ଟରଷ୍ଟ୍ରୋକ ମାରିବ ବୋଲି ଆଶା ରଖିଥିଲା ତାହା ଏବେ ବୁମେରାଂ ହୋଇଛି। ମନ୍ମଥଙ୍କ ମିଶିବା ପରେ ଜଟଣୀରୁ ଜିତିବାକୁ ନେଇ ନିଶ୍ଚିତ ଥିବା ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଖୁସି ବି ବେଶୀ ସମୟ ରହିଲାନି। ବିଧାୟକ ସୁର ରାଉତରାୟଙ୍କ ବଡ଼ପୁଅ ସିଦ୍ଧାର୍ଥ ରାଉତରାୟ ଜଟଣୀ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଘୋଷଣା କରିବା ପରେ ବିଜେଡିର ସବୁ ଅଙ୍କ ଏପଟ ସେପଟ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୁରଙ୍କ ବଡ଼ପୁଅ ସିଦ୍ଧାର୍ଥ କହିଛନ୍ତି ଯେ, ସେ ନୀତିଆଦର୍ଶଯୁକ୍ତ ରାଜନୀତି ଓ ଲୋକଙ୍କ ସେବାରେ ବିଶ୍ୱାସ କରନ୍ତି। ସେ ନିମାପଡ଼ାରେ କଂଗ୍ରେସ ପ୍ରାର୍ଥୀ ଭାବେ ନଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଜଟଣୀ ହେଉଛି ଆମ ଘର, ଆଗ ଘରକୁ ବଞ୍ଚାଇବାକୁ ପଡ଼ିବ। ଏବେ ନିମାପଡ଼ାକୁ ଯାଇ ଲଢ଼ିଲେ କ'ଣ ହେବ। ଯେଉଁ ବିଜେଡିକୁ ହରାଇବାକୁ ପ୍ରୟାସ କରି ହରାଇଲୁ, ସେହି ଜଟଣୀବାସୀଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ନିଷ୍ପତ୍ତି ନେଇଛି। ଜଟଣୀ ମାଫିଆଙ୍କ ହାତକୁ ନଯାଉ ବୋଲି ଆମେ ବିଜେଡିକୁ ହରାଇଥିଲୁ। ତେଣୁ ମୁଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜଟଣୀରୁ ଲଢ଼ିବାକୁ ନିଷ୍ପତ୍ତି ନେଇଛି। କଂଗ୍ରେସ ଟିକେଟ୍ ଦେଲେ ବି ନେବିନି। ଜଟଣୀବାସୀଙ୍କ ସହ କିଛି ଅନ୍ୟାୟ ହେଉ ବୋଲି ଚାହୁଁନି। ଜଟଣୀ ସହ ଯେଉଁ ଅଧର୍ମ ହେଉଛି ଓ ହେବାକୁ ଅଛି ତାକୁ ମୁଁ ବନ୍ଦ କରିବାକୁ ଚାହୁଁଛି। ବିଜେଡିର ବହୁତ ପଇସା ଅଛି, ବହୁତ ନେତା ଅଛନ୍ତି। ବାପା ସୁର ରାଉତରାୟ ବି ଅଛନ୍ତି। ସେ ସମସ୍ତଙ୍କୁ ନେଇ ଜିତୁ। କିନ୍ତୁ ଜଟଣୀ ସହ ହାତ ମାରନି। ଆମେରିକା ଛାଡ଼ି ଆସିଛି ମାନେ ଲଢ଼ିକି ଯିବି। ସ୍ୱାଧୀନରୁ ଆରମ୍ଭ କରିବି। ନୂଆ ଦଳ 'କଳିଙ୍ଗ ପ୍ରୋଗ୍ରେସିଭ୍ ପାର୍ଟି' ପାଇଁ ଅନୁମତି ମାଗିଛି। ଯଦି ଚିହ୍ନ ମିଳେ ତା'ହେଲେ ନିଜ ଦଳରୁ ଲଢ଼ିବି। ବହୁତ ଦୁର୍ନୀତି ହେଲା, ଅନ୍ୟାୟ ହେଲା। ପାଇକପୁଅମାନେ ଏକଜୁଟ ହେବାର ସମୟ ଆସିଛି ବୋଲି ସେ କହିଛନ୍ତି। ସିଦ୍ଧାର୍ଥଙ୍କ ଏହି ବୟାନ ପରେ ଜଟଣୀ ବିଧାନସଭା ମଣ୍ଡଳୀ ରାଜନୀତି ଅଙ୍କ ଏପଟ ସେପଟ ହେବାର ଆଶଙ୍କା ଦେଖାଦେଲାଣି। ଗତ ବିଧାନସଭା ନିର୍ବାଚନରେ ଜଟଣୀ ଆସନରୁ ସିଦ୍ଧାର୍ଥଙ୍କ ପିତା ସୁରଙ୍କ ଠାରୁ ୭୫୩୯ଖଣ୍ଡ ଭୋଟ୍ ବ୍ୟବଧାନରେ ବିଭୂତି ପରାଜିତ ହୋଇଥିଲେ। ଏପରିକି ବିଭୂତି ନିଜ ଦଳର କର୍ମୀମାନଙ୍କ ମଧରେ ଗ୍ରହଣୀୟ ହୋଇ ପାରିନଥିଲେ। ଏବେ ଅନୁରୂପ ସ୍ଥିତି ବିଭୂତିଙ୍କର ଥିବାବେଳେ ସୁରଙ୍କ ପୁଅ 'ମନ୍ମଥ' ବିଜେଡିର ଲୋକସଭା ପ୍ରାର୍ଥୀ ହେବାପରେ ଜିତିବାକୁ ନେଇ ବିଭୂତି ଉତ୍ସାହିତ ଥିଲେ। ମାତ୍ର ତାଙ୍କ ଖୁସି ବେଶୀ ସମୟ ରହିନି। ସିଦ୍ଧାର୍ଥ ଜଟଣୀ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଛିଡ଼ାହେଲେ ସୁରଙ୍କ ସହ ଥିବା ଭୋଟ ବ୍ୟାଙ୍କ ସିଦ୍ଧାର୍ଥଙ୍କ ସପକ୍ଷରେ ଆସିବା ସହ ଅସନ୍ତୁଷ୍ଟ ବିଜେଡି (ବିଭୂତି ବିରୋଧୀ ଓ ମନ୍ମଥ ବିରୋଧୀ) ଭୋଟ୍ ମଧ ତାଙ୍କ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଭୂତିଙ୍କ ଜିତିବା ମାର୍ଗରେ ସେ କଣ୍ଟା ହେବେ, ଯାହାର ସିଧାସଳଖ ଫାଇଦା ବିଜେପି ପ୍ରାର୍ଥୀଙ୍କୁ ମିଳିବ ବୋଲି ଆକଳନ କରାଯାଉଛି। ତେଣୁ ନିଜର ସଂଗଠନକୁ ନେଇ ବ୍ୟାକ ଫୁଟରେ ଥିବା ବିଭୂତି ଏବେ ଚିନ୍ତାରେ ପଡ଼ିଛନ୍ତି। ଏପରିକି ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭୁବନେଶ୍ୱର ବ୍ଲକର ୫ଟି ପଞ୍ଚାୟତରେ ବିଭୂତିଙ୍କର ସଂଗଠନ ବିଲକୁଲ୍ ନାହିଁ କହିଲେ ଚଳେ। ସେ ସୁରଙ୍କ କାନ୍ଧରେ ଲାଉ ହୋଇ ନିର୍ବାଚନ ଜିତିବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଏବେ ଧୂଳିସାତ ହେବାକୁ ବସିଥିବା ଜଣାପଡ଼ିଛି।

ଆଉ 'ମନ୍ମଥ'ଙ୍କୁ ଦଳରେ ମିଶାଇ ସଙ୍ଗେସଙ୍ଗେ ଟିକେଟ୍ ଧରାଇଥିବା ବିଜେଡି ନେତୃତ୍ୱ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ଦଳର ଆଗଧାଡ଼ିର ନେତ୍ରୀ ଶ୍ରୀମୟୀ ମିଶ୍ରଙ୍କୁ ୬ ମାସ ଆଗରୁ ସଂସଦୀୟ କ୍ଷେତ୍ରରେ ସମ୍ଭାବ୍ୟ ସାଂସଦ ପ୍ରାର୍ଥୀ ଭାବେ ବୁଲାଇ ଲୋକ ଓ କର୍ମୀଙ୍କ ସହ ପରିଚିତ କରାଇଥିବା ବିଜେଡିର ବିଧାୟକ ଓ ସମ୍ଭାବ୍ୟ ପ୍ରାର୍ଥୀମାନେ ଏବେ 'ମନ୍ମଥ'ଙ୍କୁ ଧରି କିଭଳି ଲୋକଙ୍କ ପାଖକୁ ଯିବେ ସେ ନେଇ ଅଡୁଆରେ ପଡ଼ିଥିବାବେଳେ ସିଦ୍ଧାର୍ଥଙ୍କ ପ୍ରାର୍ଥୀ ହେବାର ଘୋଷଣା ବିଜେଡିକୁ ଚିନ୍ତାରେ ପକାଇଛି। ଦଳର ଅବସ୍ଥା ଏଭଳି ହୋଇଛି ଯେ, 'ମନ୍ମଥ'ଙ୍କୁ ନେଇ ତରବରିଆ ନିଷ୍ପତ୍ତି ଦଳ ପାଇଁ ବୁମେରାଂ ହେବାରେ ଲାଗିଛି। ବିଜେଡି 'ମନ୍ମଥ' କଣ୍ଟାକୁ ଏବେ ଢୋକିପାରୁନି କିମ୍ବା କାଢ଼ି ବି ପାରୁନି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ : ତପନ କୁମାର ସାହୁ